CMYK CMYK

# ଜାତୀୟ ଚେତନା

ଅଭିବ୍ୟକ୍ତିର ଶାଣିତ ସ୍ୱର

JATIYA CHETANA

RNI Regd No: ODIODI/2017/74521

ODIA WEEKLY

ବର୍ଷ-୯ ◆ ସଂଖ୍ୟା- ୩୨ ◆ ଭୁବନେଶ୍ୱର ◆ ସୋମବାର ◆ ମାର୍ଚ୍ଚ ୩୦ରୁ ଏପ୍ରିଲ ୦୫, ୨୦୨୬ ◆ ପୃଷ୍ଠା-୮ ◆ ମୂଲ୍ୟ- ୪ ଟଙ୍କା

Volume-9 ◆ Issue-32 ◆ Bhubaneswar ◆ Monday ◆ March 30 to April 05, 2026 ◆ Page-8 ◆ Price Rs.4.00

## ଦେଶବାସୀଙ୍କୁ ଏକଜୁଟ୍ ହେବାକୁ ଅପିଲ୍

### କରୋନା ପରି ସଙ୍କଟରୁ ମୁକୁଳିଛୁ, ଯୁଦ୍ଧରୁ ବି ବାହାରିବୁ: ପିଏମ୍

ନୂଆଦିଲ୍ଲୀ,(ଏଜେନ୍ସି): ୧୩୨ତମ ମାସିକ ରେଡିଓ କାର୍ଯ୍ୟକ୍ରମ 'ମନ୍ କି ବାତ୍'ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସମ୍ବୋଧନ କରିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ଏକଜୁଟ୍ ହେବାକୁ ଅପିଲ୍ କରିଛନ୍ତି। ସେ କହିଛନ୍ତି ଯେ ମଧ୍ୟପ୍ରାଚ୍ୟ ଯୁଦ୍ଧ ମଧ୍ୟରେ ଲୋକଙ୍କୁ ଏକଜୁଟ୍ ହୋଇ ରହି ସଙ୍କଟରୁ ବାହାରକୁ ବାହାରିବାକୁ ପଡ଼ିବ। ଏଭଳି ପ୍ରସଙ୍ଗରେ ରାଜନୀତି ନ କରି ମିଶିକି କାମ କରିବାକୁ ହେବ। କୌଣସି ଗୁଜବ ଉପରେ ବିଶ୍ୱାସ କରନ୍ତୁ ନାହିଁ। କେବଳ ସରକାରୀ ତଥ୍ୟ ଉପରେ ବିଶ୍ୱାସ କରନ୍ତୁ। ଭୀଷଣ ଯୁଦ୍ଧ ଯୋଗୁଁ ବର୍ତ୍ତମାନର ସମୟ ଅତ୍ୟନ୍ତ ଚ୍ୟାଲେଞ୍ଜ ଏଥିରେ କୌଣସି ସନ୍ଦେହ ନାହିଁ। ମୁଁ ନିଶ୍ଚିତ ଯେ ଆମେ ସବୁବେଳେ ଦେଶର ୧୪୦ କୋଟି ନାଗରିକଙ୍କ ସାମୂହିକ ଶକ୍ତି ମାଧ୍ୟମରେ ଅତୀତର ସଙ୍କଟକୁ ଦୂର କରିଆସିଛୁ, ଏଥର ମଧ୍ୟ ଆମେ ଏହି କଠିନ ପରିସ୍ଥିତିକୁ ବଡ଼ ସଫଳତାର ସହିତ ଦୂର କରିବୁ। କରୋନା ସମୟରେ ସଙ୍କଟରୁ ବାହିଥିଲୁ ଏଥିରୁ ବି ମୁକୁଳିବୁ ବୋଲି 'ମନ୍ କି



ବାତ୍'ରେ ସମ୍ବୋଧନ କହିଛନ୍ତି ପ୍ରଧାନମନ୍ତ୍ରୀ।

ପଶ୍ଚିମ ଏସିଆ ଯୁଦ୍ଧ ସଙ୍କଟକୁ ନେଇ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ 'ଯେଉଁମାନେ ଏହି ପ୍ରସଙ୍ଗକୁ ନେଇ ରାଜନୀତି କରୁଛନ୍ତି ସେମାନେ ଏହା କରିବା ଉଚିତ୍ ନୁହେଁ। ଏହା ୧୪୦ କୋଟି ନାଗରିକଙ୍କ ସ୍ୱାର୍ଥ ସହିତ ଜଡ଼ିତ ଏକ ପ୍ରସଙ୍ଗ। ଏଥିରେ ସ୍ୱାର୍ଥପର ରାଜନୀତିର କୌଣସି ସ୍ଥାନ ନାହିଁ। ଯେଉଁମାନେ ଗୁଜବ ପ୍ରଚାର କରୁଛନ୍ତି ସେମାନେ ଦେଶକୁ ବହୁତ କ୍ଷତି ପହଞ୍ଚାଉଛନ୍ତି। ମୁଁ ସମସ୍ତ ଦେଶବାସୀଙ୍କୁ ସଚେତନ ରହିବା ଏବଂ ଗୁଜବ ଦ୍ୱାରା ଭ୍ରମିତ ନ ହେବାକୁ ନିବେଦନ କରୁଛି। ସରକାର ନିରନ୍ତର ସୂଚନା ପ୍ରଦାନ କରୁଛନ୍ତି। ଏଥିରେ ବିଶ୍ୱାସ କରନ୍ତୁ ଏବଂ କେବଳ ଏହା ଉପରେ ଆଧାରିତ ପଦକ୍ଷେପ ନିଅନ୍ତୁ। ଭାରତ ଏହାର ବିଶ୍ୱ ସମ୍ପର୍କ, ବିଭିନ୍ନ ଦେଶରୁ ସହାୟତା ଏବଂ ଗତ ଦଶନ୍ଧି ମଧ୍ୟରେ ଦେଶ ଯେଉଁ କ୍ଷମତା ସୃଷ୍ଟି କରିଛି ସେଥିପାଇଁ ଏହି ଚ୍ୟାଲେଞ୍ଜଗୁଡ଼ିକର ଦୃଢ଼ ମୁକାବିଲା କରୁଛି। ଏହା ନିସନ୍ଦେହ ଯେ ଏକ ଚ୍ୟାଲେଞ୍ଜପୂର୍ଣ୍ଣ ସ୍ଥିତି । ଆଜି 'ମନ୍ କି ବାତ' ମାଧ୍ୟମରେ, ମୁଁ ପୁଣି ଥରେ ଦେଶବାସୀଙ୍କୁ ଏକତ୍ରିତ ହୋଇ ଏହି ଚ୍ୟାଲେଞ୍ଜର ସାମ୍ନା କରିବାକୁ ଅନୁରୋଧ କରୁଛି ।'' ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି ମାର୍ଚ୍ଚ ମାସରେ ବିଶ୍ୱ ଅନେକ କଠିନ ପରିସ୍ଥିତି ଦେଇ ଗତି କରୁଛି। ପୂର୍ବରୁ ବି ମାର୍ଚ୍ଚ ମାସରେ କୋଭିଡକୁ ନେଇ ହାହାକାର ପରିସ୍ଥିତି ସୃଷ୍ଟି ହୋଇଥିଲା। ଆମକୁ ଅନୁଭବ ହେଉଥିଲା କୋଭିଡରୁ ବାହାରିବା ପରେ ବିଶ୍ୱ ନୂଆ ରାସ୍ତାରେ ଆଗକୁ ବଢ଼ିବ। କିନ୍ତୁ ବିଶ୍ୱରେ ଲଗାତର ଯୁଦ୍ଧ ପରିସ୍ଥିତି ଜାରି ରହିଛି। ଯାହାକି ଦୁର୍ଭାଗ୍ୟପୂର୍ଣ୍ଣ ଅଟେ। ଯୁଦ୍ଧ ଚାଲିଥିବା ରାଷ୍ଟ୍ରଗୁଡ଼ିକରେ ଅଶୋଧିତ ତୈଳ, ଗ୍ୟାସ୍, ଇନ୍ଧନର ପ୍ରମୁଖ କେନ୍ଦ୍ର ରହିଛି । ଏହି କ୍ଷେତ୍ରରେ ଗୁଡିକରେ ଯୁଦ୍ଧ କାରଣରୁ ସାରା ବିଶ୍ୱରେ ପେଟ୍ରୋଲ୍, ଡିଜେଲ୍, ଗ୍ୟାସ୍ ସଙ୍କଟ ସୃଷ୍ଟି ହୋଇଛି। ହର୍ମୁଜ ପ୍ରଣାଳୀ ବନ୍ଦ ରହିଥିବା କାରଣରୁ ତୈଳ ପରିବହନ ବାଧାପ୍ରାପ୍ତ ହୋଇଛି। ଫଳରେ ବାଣିଜ୍ୟ କ୍ଷେତ୍ର ମଧ୍ୟ ପ୍ରଭାବିତ ହୋଇଛି। ସରକାର ଏସବି ସମସ୍ୟା ଯେପରି ନଦେଖାଯାଏ ଏଥିପାଇଁ ପ୍ରୟାସ ଜାରି ରଖିଛନ୍ତି। ଘରୋଇ ଏଲପିଜି ଯେପରି ଉପଭୋକ୍ତାଙ୍କୁ ମିଳିବ ଏହା ସରକାରଙ୍କ ପ୍ରଥମ ପ୍ରାଥମିକତା ରହିଛି। ଦେଶରେ ଷ୍ଟ୍ରାଟେଜିକ୍ ପେଟ୍ରୋଲିୟମ ରିଜର୍ଭ ୫.୩ ମିଲିୟନ ଟନରୁ ଅଧିକ ରହିଛି। ଏହାକୁ ଆହୁରି ବୃଦ୍ଧି କରାଯାଉଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ତେବେ 'ମନ୍ କି ବାତ୍‌ରେ ଅନେକ ରାଜ୍ୟର ସଫଳ କୃଷକଙ୍କ ସମ୍ପର୍କରେ ମଧ୍ୟ କହିଛନ୍ତି। ଏଥିସହ ଖେଳ କଥା କହି ଯୁବବର୍ଗଙ୍କୁ ପ୍ରୋତ୍ସାହିତ କରିଛନ୍ତି।

## ଦୁଇ ଓଡ଼ିଆଙ୍କୁ ପ୍ରଶଂସା

ନୂଆଦିଲ୍ଲୀ,(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ 'ମନ କି ବାତ'ରେ ଦୁଇ ଜଣ ଓଡ଼ିଆଙ୍କୁ ପ୍ରଶଂସା କରିଛନ୍ତି। ସେମାନେ ହେଲେ ସମ୍ବଲପୁରର ସୁଜାତା ଭୂୟାଁ ଏବଂ କେନ୍ଦ୍ରାପଡ଼ାର ଓମ୍ ପ୍ରକାଶ ରଥ।

ସମ୍ବଲପୁର ମୁଦିପଡା ଏଲଆଇସି କଲୋନୀର ସୁଜାତା ଭୂୟାଁଙ୍କ ନାମ ନେଇ ପ୍ରଧାନମନ୍ତ୍ରୀ ମହିଳା ସଶକ୍ତୀକରଣର ଉଦାହରଣ ଦେଇଛନ୍ତି। ସୁଜାତା ଜଣେ ଗୃହିଣୀ କିନ୍ତୁ ସେ କିଛି ଭିନ୍ନ କାମ କରିବା ସହିତ ପରିବାରର ଉନ୍ନତିରେ ଭାଗିଦାରୀ ହେବାକୁ ଚିନ୍ତା କରିଥିଲେ। ଏଥିପାଇଁ ସେ କିଛି ବର୍ଷ ପୂର୍ବରୁ ହୀରାକୁଦ ଜଳଭଣ୍ଡାରରେ ମତ୍ସ୍ୟଚାଷ ଆରମ୍ଭ କରିଥିଲେ। ମାତ୍ର ସୁଜତାଙ୍କର ଏହି କାର୍ଯ୍ୟ ସହଜ ନଥିଲା। କାରଣ ପାରିପାର୍ଶ୍ୱିକ ଅବସ୍ଥା ଯୋଗୁଁ ସେ ଅନେକ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଥିଲେ। ଏକା ସାଙ୍ଗରେ ମତ୍ସ୍ୟଚାଷ କରିବା ଏବଂ ପରିବାରର ଦାୟିତ୍ୱ ତୁଲାଇବା ମଧ୍ୟ କଠିନ କାମ ଥିଲା। ଏଥିପାଇଁ ବିଭିନ୍ନ ସମୟରେ ଅନେକ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ତଥାପି ପ୍ରତିକୂଳ ପରିସ୍ଥିତିକୁ ଏଡାଇ ଆଗକୁ ବଢ଼ିଛନ୍ତି। କଠିନ ପରିଶ୍ରମ କରି ନିଜେ ସ୍ୱାବଲମ୍ବୀ ହେବା ସହ ଅନ୍ୟମାନଙ୍କ ପାଇଁ ରୋଜଗାର ସୃଷ୍ଟି କରିପାରିଛନ୍ତି। ଫଳରେ ଦୁଇରୁ ତିନ ବର୍ଷ ମଧ୍ୟରେ ସଫଳତାର ଶୀର୍ଷକୁ ଛୁଇଁଛନ୍ତି। ତାଙ୍କର ସଫଳତା ଆଜିର ଦିନରେ ସମାଜର ଅନ୍ୟ ମହିଳାଙ୍କ ପାଇଁ ପ୍ରେରଣା ଦାୟକ ବୋଲି ମୋଦୀ 'ମନ୍ କି ବାତ'ରେ କହିଛନ୍ତି। ସୁଜାତା ହୀରାକୁଦ ଜଳ ଭଣ୍ଡାର ଭିତରେ କେଜ କଲଚର ପଦ୍ଧତିରେ ମାଛ ଚାଷ କରି ସଫଳ ହୋଇଛନ୍ତି। ଏହି ସଫଳତାର କାହାଣୀ ସମ୍ବଲପୁର ଡେଇଁ ନୂଆଦିଲ୍ଲୀରେ ପହଞ୍ଚିଛି।

ସେହିପରି କେନ୍ଦ୍ରାପଡ଼ାର ପ୍ରତିଭାବାନ ଯୁବକ ଓମ୍ ପ୍ରକାଶ ରଥଙ୍କ ପ୍ରଶଂସା କରିଛନ୍ତି ପ୍ରଧାନମନ୍ତ୍ରୀ। ତାଙ୍କ ସଫଳତାକୁ 'ମନ୍ କି ବାତ୍' କାର୍ଯ୍ୟକ୍ରମରେ ବଖାଣିଛନ୍ତି। କେନ୍ଦ୍ର ସରକାରଙ୍କ 'ମାଇଁ ଭାରତ ବଜେଟ୍ କ୍ୱେଷ୍ଟ୍' ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପ୍ରାୟ ୧୨ ଲକ୍ଷ ଯୁବପିଢ଼ିଙ୍କ ମଧ୍ୟରୁ 'ଓମେନ୍ ଲେଡ୍ ଡେଭଲପମେଣ୍ଟ୍' ବା ମହିଳାଙ୍କ ନେତୃତ୍ୱରେ ବିକାଶ ସମ୍ପର୍କିତ ପ୍ରବନ୍ଧରେ ଓମ୍ ପ୍ରକାଶ ରଥଙ୍କର ଚିନ୍ତାଧାରା ଓ ବିଶ୍ଳେଷଣ ପ୍ରଧାନମନ୍ତ୍ରୀଙ୍କୁ ଅଭିଭୂତ କରିଛି। ଯାହାକୁ ନେଇ ପିଏମ୍ ମୋଦୀ ପ୍ରଶଂସା କରିଛନ୍ତି। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓମ୍‌ଙ୍କ ଉଲ୍ଲେଖନୀୟ ସଫଳତାକୁ ପ୍ରଶଂସା କରିବା ସହ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ନାରୀ ସଦନରୁ ସେଜଲ୍ ଗାଏବ

### ଗଲା ୪ ମାସ ଧରି ରହିଥିଲେ, ହଠାତ୍ ମାରିଛନ୍ତି ଛୁ'

ଭୁବନେଶ୍ୱର,(ଜା.ପ୍ର): ଏକଦା ପ୍ରେମ ପାଇଁ ସୁଦୂର ଆମେରିକା ଛାଡ଼ି ଓଡ଼ିଶା ଫେରି ଚର୍ଚ୍ଚାରେ ଥିବା ଅନାଥ ଓଡ଼ିଆ ଝିଅ ପୂଜା ଓରଫ ସେଜଲ ଜନ୍‌ଙ୍କୁ ନେଇ ନୂଆ ଆଲୋଚନା। ଗଲା ୪ ମାସ ଧରି ସେ ରହିଥିବା ବାଲେଶ୍ୱର ନାରୀ ସଂଘ ଶକ୍ତି ସଦନରୁ ହଠାତ୍ ଛୁ ମାରିଛନ୍ତି ସେଜଲ୍। କାହାକୁ କିଛି ନଜଣାଇ ପଳାଇଥିବାରୁ ଏବେ କାହା ପାଖେ ଅଛନ୍ତି ? ତାକୁ ନେଇ ବଢ଼ିଛି ସନ୍ଦେହ। ତେଣେ ବାଲେଶ୍ୱର ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ କହିଛନ୍ତି ସେଜଲଙ୍କ ବୟସ ୧୮ ପାର କରି ସାରିଛି। ନାରୀ ଶକ୍ତି ସଦନରୁ ତାଙ୍କୁ ଛାଡ଼ି ଦେବାକୁ ସେ ସବୁବେଳେ କହୁଥିଲେ ଓ ନଛାଡ଼ିଲେ ଆତ୍ମହତ୍ୟା କରିବାକୁ ଧମକ ବି ଦେଉଥିଲେ। ତେବେ ସେ ହଠାତ୍ ବିନା ସୂଚନାରେ ଚାଲିଯିବା ଘଟଣାକୁ ନେଇ ସ୍ଥାନୀୟ ପୁଲିସକୁ ସୂଚନା ଦିଆ ଯାଇଛି।

ସେଜଲ୍ ଜନ୍। ଜଣେ ଅନାଥ ଝିଅ, ୧୨ ବର୍ଷ ତଳେ ଆମେରିକାର ଜଣେ ମହିଳା ତାଙ୍କୁ ପୋଷ୍ୟା କନ୍ୟା ଭାବେ ଗ୍ରହଣ କରି ସାଙ୍ଗରେ ନେଇଥିଲେ। ସେଜଲ ସେଠି ଆମେରିକା ନାଗରିକତ୍ୱରେ ରହୁଥିଲେ ଓ ପାଠ ପଢୁଥିଲେ। ହେଲେ ହଠାତ୍ ଗତ ନଭେମ୍ବର ୧୦ ତାରିଖରେ କାନ୍ଦି କାନ୍ଦି ତାଙ୍କୁ ଉଦ୍ଧାର କରି ଓଡ଼ିଶା ଫେରାଇ ଆଣିବାକୁ ଏକ ଭିଡ଼ିଓ ଛାଡ଼ି ରାଜ୍ୟ ସରକାରଙ୍କୁ ଗୁହାରୀ କରିଥିଲେ। ସେଠି ତାଙ୍କୁ ପାଳିତା ମାଆ ନିର୍ଯାତନା ଦେଉଥିବା ନେଇ ସଂଗୀନ ଅଭିଯୋଗ ବି ଆଣିଥିଲେ। ଆଉ ଏହାର ଠିକ୍ ୧୫ ଦିନ ପରେ ଓଡ଼ିଶା ଫେରିଥିଲେ ସେଜଲ, ହେଲେ ଭୁବନେଶ୍ୱର ପହଞ୍ଚିବା ପରେ ମାରିଥିଲେ ୟୁ ଟର୍ଣ୍ଣ। କହିଥିଲେ ମାଆଙ୍କ ନିର୍ଯାତନା କଥା ମିଛ, ନିଜ ପ୍ରେମକୁ ପାଇବା ପାଇଁ ସେ ନାଟକ କରୁଥିଲେ। ପିଲାବେଳେ ପାଠ ପଢ଼ିବା ସମୟରୁ ସେ ଜାଣିଥିବା ରେମୁଣା ଅଞ୍ଚଳର ଅମର ଦାସ ନାମକ ଜଣେ ଯୁବକଙ୍କୁ ସେ ବାହା ହୋଇ ଏଇଠି ରହିବାକୁ ଚାହଁନ୍ତି। ତେଣେ ସେଜଲଙ୍କ ଏଭଳି କାରନାମା ଜାଣିବା ପରେ ତାଙ୍କୁ ୧୮ ବର୍ଷ ହୋଇନଥିବାରୁ ତାଙ୍କୁ ବାଲେଶ୍ୱର ନାରୀ ଶକ୍ତି ସଦନରେ ରଖାଯାଇଥିଲା। ତାନାଘନା ବେଳେ ସେଜଲଙ୍କ ମିଛ ନାଟକ ପଛରେ ତାଙ୍କ ପୁରୁଷ ବନ୍ଧୁ ଅମରର ହାତ ଥିବା ବି ଜଣା ପଡ଼ିଥିଲା। ସେବେଠୁ ସେଜଲ ନାରୀ ଶକ୍ତି ସଦନରେ ରହୁଥିଲେ। ତେବେ ହଠାତ୍ ସେଠୁ ଛାଡ଼ି ପଳାଇବା ପରଠୁ ତାଙ୍କର ଖୋଜଖବର ମିଳୁନଥିବାବେଳେ ତାଙ୍କ ପୁରୁଷବନ୍ଧୁଙ୍କ ଫୋନ୍ ବି ସ୍ୱିଚ୍ ଅଫ୍ ରହିଛି। ଏପଟେ ସେଜଲଙ୍କ ନିଖୋଜ ଘଟଣାକୁ ସହଜରେ ଗ୍ରହଣ କରିନାହାନ୍ତି ସିଡବ୍ଲ୍ୟୁସିର ପୂର୍ବତନ ଚେୟାରମ୍ୟାନ୍। କହିଛନ୍ତି- ସେଜଲ ଏବେ ବି ଆମେରିକା ନାଗରିକ। ଭାରତୀୟ ସିଟିଜେନ୍ ଭାବେ ତାଙ୍କ ପାଖେ କୌଣସି ପ୍ରମାଣପତ୍ର ନାହିଁ। ତାଙ୍କୁ ଏମିତି ଖାମଖିଆଲି ଭାବେ ଛାଡ଼ି ଦିଆଯିବା ଓ ଘଟଣାକୁ ହାଲୁକା ଭାବେ ନେବା ଉଚିତ୍ ନୁହେଁ। ଗୋଟିଏ ପଟେ ସେଜଲ ୧୮ ବର୍ଷ ପାର୍ କରିଥିବାବେଳେ ଅନ୍ୟପଟେ ତାଙ୍କ ପ୍ରେମିକ ଅମରଙ୍କୁ ବି ୨୧ ବର୍ଷ ପୂରଣ ହୋଇଛି। ତେଣୁ ନିଜ ପ୍ରେମକୁ ସଫଳ କରିବା ପାଇଁ ଉଭୟେ କୌଣସି ଏକ ଅଜଣା ସ୍ଥାନରେ ଲୁଚିଥିବା କୁହାଯାଉଛି।

## ପେଟ୍ରୋଲ୍ ପମ୍ପରେ ମିଳିବ କିରୋସିନି

ନୂଆଦିଲ୍ଲୀ,(ଏଜେନ୍ସି): ଏବେ ରାସନ ଦୋକାନ ସହିତ ଏବେ ପେଟ୍ରୋଲ୍ ପମ୍ପରେ ମଧ୍ୟ କିରୋସିନ୍ ମିଳିବ। ରବିବାର କେନ୍ଦ୍ର ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ଫଳରେ ସରକାରୀ ତୈଳ କମ୍ପାନୀଗୁଡ଼ିକ ଏବେ ନିର୍ଦ୍ଦିଷ୍ଟ ପେଟ୍ରୋଲ୍ ପମ୍ପରେ କିରୋସିନ ମହଜୁଦ ଏବଂ ବଣ୍ଟନ କରିପାରିବେ। ପ୍ରତ୍ୟେକ ଜିଲ୍ଲାରେ, ରାଜ୍ୟ ସରକାର କିମ୍ବା କେନ୍ଦ୍ରଶାସିତ ଅଞ୍ଚଳ ପ୍ରଶାସନ ସର୍ବାଧିକ ଦୁଇଟି ପେଟ୍ରୋଲ୍ ପମ୍ପ ଚୟନ କରିବେ, ଯେଉଁଠାରେ ଏହି ସୁବିଧା ଯୋଗାଇ ଦିଆଯିବ। ଏହି ପେଟ୍ରୋଲ୍ ପମ୍ପଗୁଡ଼ିକ ଅଧିକତମ ୫,୦୦୦ ଲିଟର ପର୍ଯ୍ୟନ୍ତ କିରୋସିନ ସଂରକ୍ଷଣ କରିପାରିବେ। ଯୋଗାଣକୁ ସୁଗମ କରିବା ଏବଂ ଅଭାବୀ ପରିବାରଙ୍କୁ ସମୟାନୁସାରେ ତେଲ ପହଞ୍ଚାଇବା ସୁନିଶ୍ଚିତ କରିବା ପାଇଁ ସରକାର ୬୦ ଦିନ ପର୍ଯ୍ୟନ୍ତ ନିୟମରେ କୋହଳ କରିଛନ୍ତି। ଆମେରିକା-ଇସ୍ରାଏଲ୍-ଇରାନ୍ ବିବାଦ ଯୋଗୁଁ ଏହି ନିଷ୍ପତ୍ତି ନିଆଯାଇଛି। ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧ ଯୋଗୁଁ ଭାରତରେ ଗ୍ୟାସ୍, ପେଟ୍ରୋଲ୍ ଏବଂ ଡିଜେଲର ଅଭାବ ରହିଛି। କେନ୍ଦ୍ର ସରକାର ବର୍ତ୍ତମାନର ପରିସ୍ଥିତି ଉପରେ ନିରନ୍ତର ଚିନ୍ତା ପ୍ରକାଶ କରିଆସୁଛନ୍ତି।

CMYK CMYK

ଜାତୀୟ ଚେତନା
JATIYA CHETANA



# ଥରିଲା ସାଉଦିସ୍ଥିତ ଆମେରିକୀୟ ଏୟାର୍‌ବେସ୍

## ଇରାନ୍ ମିସାଇଲ୍ ଆକ୍ରମଣରେ ଆୱାକ୍ସ ଧ୍ୱଂସ

ତେହରାନ୍,ୱାଶିଂଟନ୍ ଡିସି,(ଏଜେନ୍ସି): ଏକମାସ ଧରି ଲାଗି ରହିଥିବା ମଧ୍ୟପ୍ରାଚ୍ୟ ଯୁଦ୍ଧ ମଧ୍ୟରେ ରବିବାର ସାଉଦି ଆରବରେ ଥିବା ଏକ ଆମେରିକୀୟ ବାୟୁସେନା ଘାଟି (ବେସ୍) ଉପରେ ଇରାନ୍ ମିସାଇଲ୍ ଆକ୍ରମଣ କରିଛି। ଏହି ଆକ୍ରମଣରେ ଅନେକ ଆମେରିକୀୟ ବିମାନ ନଷ୍ଟ ହୋଇଥିବା ଇରାନ୍ ଦାବି କରିଛି। ଇରାନୀ ଗଣମାଧ୍ୟମ ଅନୁଯାୟୀ, ଆକ୍ରମଣରେ ଛଅଟି ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଏବଂ ୨୯ଟି ବିପଜ୍ଜନକ ଡ୍ରୋନ୍ ବ୍ୟବହାର କରାଯାଇଥିଲା। ସବୁଠାରୁ ଆଶ୍ଚର୍ଯ୍ୟଜନକ ବିଷୟ ହେଉଛି ସେଠାରେ ନିୟୋଜିତ ଆମେରିକାର ସବୁଠାରୁ ଉନ୍ନତ କମାଣ୍ଡ୍ ଏବଂ ନିୟନ୍ତ୍ରଣ ବିମାନ, ଇ-୩ ଆୱାକ୍ସ ଧ୍ୱଂସାବଶେଷରେ ପରିଣତ ହୋଇଛି। ଏହି ଦାବି ସପକ୍ଷରେ ଇରାନ୍ କେତେକ ଫଟୋ ଜାରି କରିଛି। ଫଟୋଗୁଡ଼ିକ ବିଶାଳ ବିମାନର ସମ୍ପୂର୍ଣ୍ଣ ମଧ୍ୟଭାଗ ଉଡ଼ିଯାଇଥିବା ଦେଖିବାକୁ ମିଳୁଛି। ଏହା ସହିତ ବିମାନରେ ଇନ୍ଧନ ଭରିବା ପାଇଁ




ବ୍ୟବହୃତ ରିଫ୍ୟୁଲିଙ୍ଗ୍ ବିମାନର ମଧ୍ୟ ଯଥେଷ୍ଟ କ୍ଷତି ହୋଇଛି। ଏହି ଜବାବୀ ଆକ୍ରମଣରେ ଅତିକମ୍‌ରେ ୧୦ ଜଣ ଆମେରିକୀୟ ସୈନିକ ଆହତ ହୋଇଥିବା ଇରାନ୍ ଦାବି କରିଛି। ଏହା ମଧ୍ୟରୁ ଦୁଇଜଣଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି। ତେବେ ଆମେରିକାର କେନ୍ଦ୍ରୀୟ କମାଣ୍ଡ୍ (ସେଣ୍ଟକମ୍) ଏହି ଆକ୍ରମଣ ସମ୍ପର୍କରେ ଏପର୍ଯ୍ୟନ୍ତ କୌଣସି ସରକାରୀ ବିବୃତ୍ତି ଜାରି କରିନାହିଁ। ଫେବୃଆରୀ ୨୮ରୁ ଇରାନ୍ ବିରୋଧରେ ଇସ୍ରାଏଲ୍ ଓ ଆମେରିକା ଯୁଦ୍ଧ ଆରମ୍ଭ କରିଥିବା ବେଳେ ସେବେଠାରୁ ସାଦି ଆରବର ପ୍ରିନ୍ସ ସୁଲ୍‌ତାନ ଏୟାର୍‌ବେସ୍‌କୁ ଇରାନ୍ ଲଗାତାର ଟାର୍ଗେଟ୍ କରିଆସୁଛି।

ସେହିପରି ରବିବାରର ଜବାବୀ ଆକ୍ରମଣରେ ଇରାନ୍ ଏକ ଆମେରିକୀୟ ଏମ୍‌କ୍ୟୁ-୯ ରିପର୍ ଡ୍ରୋନ୍ ଖସାଇ ଦେଇଥିବା ବେଳେ ଏକ ଏଫ୍-୧୬ ଯୁଦ୍ଧ ବିମାନକୁ କ୍ଷତି ପହଞ୍ଚାଇଥିବା ଦାବି କରିଛି। ଏହା ସହିତ ଆମେରିକା ଏବଂ ଇସ୍ରାଏଲ୍‌ର ବିଭିନ୍ନ ଠିକଣା ଉପରେ ଏପରି ଆକ୍ରମଣ ଜାରି ରଖିବ ବୋଲି ଇରାନ୍ ସ୍ପଷ୍ଟ କରିଛି। ଉଲ୍ଲେଖଯୋଗ୍ୟ, ଏହି ଯୁଦ୍ଧ ଆଇ ତିନିଟି ଦେଶ ମଧ୍ୟରେ ସୀମିତ ହୋଇ ରହିନାହିଁ। ଇତିମଧ୍ୟରେ ୟେମେନ୍‌ର ହୁତି ବିଦ୍ରୋହୀ ଗୋଷ୍ଠୀ ମଧ୍ୟରେ ଏହି ଯୁଦ୍ଧରେ ଏଣ୍ଟ୍ରି କରିବା ସହିତ ଇସ୍ରାଏଲ୍ ଉପରେ ମିସାଇଲ୍ ମାଡ଼ କରିଛି।

# ଆମେରିକାରେ ୮୦ ଲକ୍ଷ ଲୋକଙ୍କ ଟ୍ରମ୍ପ୍ ବିରୋଧୀ ମାର୍ଚ୍ଚ

ୱାଂଶିଟନ୍ ଡିସି,(ଏଜେନ୍ସି):ଆମେରିକାରେ ଶନିବାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ବିରୋଧରେ ଆୟୋଜିତ 'ନୋ କିଙ୍ଗ୍‌ସ ର୍ୟାଲି'ରେ ୮୦ ଲକ୍ଷ ଲୋକ ଅଂଶଗ୍ରହଣ କରିଛନ୍ତି। ମିଡିଆ ରିପୋର୍ଟ ଅନୁସାରେ ପୂରା ଆମେରିକାର ସମସ୍ତ ୫୦ ରାଜ୍ୟରେ ୩,୩୦୦ରୁ ଊର୍ଦ୍ଧ୍ୱ ସ୍ଥାନରେ ଏହି ବିରୋଧ ପ୍ରଦର୍ଶନ ଆୟୋଜିତ କରାଯାଇଛି। ଆୟୋଜକ କହିଛନ୍ତି, ଅକ୍ଟୋବରରେ ହୋଇଥିବା ଗତ ନୋ କିଙ୍ଗ୍‌ସ ପ୍ରଦର୍ଶନ ତୁଳନାରେ ଚଳିତ ଥର ପ୍ରାୟ ୧୦ ଲକ୍ଷ ଅଧିକ ଲୋକ ସାମିଲ ହୋଇଛନ୍ତି ଏବଂ ପ୍ରାୟ ୬୦୦ରୁ ଊର୍ଦ୍ଧ୍ୱ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଆନ୍ଦୋଳନକାରୀ କହିଛନ୍ତି ସେମାନେ ଟ୍ରମ୍ପ୍ ସରକାରଙ୍କ କେତେକ ନୀତିକୁ ନେଇ ଅସନ୍ତୁଷ୍ଟ ଅଛନ୍ତି। ସେମାନଙ୍କର ରୋଷ ବିଶେଷକରି ଇରାନ୍ ସହିତ ବୃଦ୍ଧି ପାଉଥିବା ଉତ୍ତେଜନା, କଠୋର ଇମିଗ୍ରେସନ୍ କାର୍ଯ୍ୟାନୁଷ୍ଠାନ ଏବଂ ବୃଦ୍ଧି ପାଉଥିବା ମହଙ୍ଗା ସହ ସମ୍ପୃକ୍ତ। ଏହି ଅବସରରେ କେତେକ ସ୍ଥାନରେ ଲୋକେ ଟ୍ରମ୍ପ୍ ଏବଂ ଉପରାଷ୍ଟ୍ରପତି ଜେଡି ଭାନ୍ସଙ୍କ ବିରୋଧରେ ପୋଷ୍ଟର୍ ପ୍ରଦର୍ଶନ କରିବା ସହିତ ସେମାନଙ୍କୁ ପଦରୁ ହଟାଇବା ପାଇଁ ଦାବି କରିଥିଲେ। ଅନେକ ନେତା ଓ ସେଲିବ୍ରିଟି ମଧ୍ୟ ଟ୍ରମ୍ପ୍‌ଙ୍କ ବିରୋଧରେ ପ୍ରଦର୍ଶନ କରିଛନ୍ତି। ସେମାନଙ୍କ ମଧ୍ୟରେ ମିନେସୋଟା ରାଜ୍ୟର ଡେମୋକ୍ରାଟ୍ ନେତା ବର୍ନୀ ସାଣ୍ଡର୍ସ, ସାଂସଦ ଇଲ୍‌ହାନ୍ ଉମର୍, ସେଣ୍ଟ୍ ପଲ୍‌ରେ ସିଙ୍ଗର ମ୍ୟାଗୀ ରୋଜର୍ସ, ଜୋନ୍ ବେଜ୍ ଏବଂ ବ୍ରୁସ୍ ସ୍ପ୍ରିଙ୍ଗ୍‌ସଟିନ୍ ସାମିଲ ଥିଲେ। ଏହା ସହିତ ବିଦେଶରେ ମଧ୍ୟ ନୋ କିଙ୍ଗ୍‌ସ ଆନ୍ଦୋଳନର ସମର୍ଥନ ଦେଖିବାକୁ ମିଳିଥିଲା। ଗ୍ରୀସ୍ ରାଜଧାନୀ ଏଥେନ୍ସରେ ଆମେରିକା ଦୂତାବାସ ବାହାରେ ଲୋକମାନେ ଯୁଦ୍ଧ ବିରୋଧରେ ପ୍ରଦର୍ଶନ କରିଥିଲେ। ଇଟାଲୀ ରାଜଧାନୀ ରୋମ୍‌ରେ ପ୍ରଦର୍ଶନକାରୀ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ନେତନ୍ୟାହୁ, ଇଟାଲୀ ପ୍ରଧାନମନ୍ତ୍ରୀ ଜର୍ଜିଆ ମିଲୋନୀ ଏବଂ ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ପୋଷ୍ଟର୍ ଧରି ବିରୋଧ ପ୍ରଦର୍ଶନ କରିଥିଲେ। ପ୍ୟାରିସ୍‌ରେ ଜଣେ ମହିଳା ଷ୍ଟାଚ୍ୟୁ ଅଫ୍ ଲିବର୍ଟି ବେଶରେ ପ୍ରଦର୍ଶନରେ ସାମିଲ ହୋଇଥିଲେ। ଆମେରିକାର ରାଷ୍ଟ୍ରପତି ଟ୍ରମ୍ପ୍‌ଙ୍କ ବିରୋଧରେ ଏବେ ସୁଦ୍ଧା ଜାତୀୟ ସ୍ତରରେ ତିନିଥର ନୋ କିଙ୍ଗ୍‌ସ ପ୍ରଦର୍ଶନ ହୋଇସାରିଛି। ପ୍ରଥମ ବଡ଼ ପ୍ରଦର୍ଶନ ୨୦୨୫ ଜୁନ୍‌ରେ ଆୟୋଜିତ ହୋଇଥିଲା। ଏହାପରେ ୨୦୨୫ ଅକ୍ଟୋବରରେ ଏବଂ ତୃତୀୟ ଥର ଶନିବାର ଏହି ବିରୋଧ ପ୍ରଦର୍ଶନ କରାଯାଇଛି।

# ନଦୀକୁ ଖସିଲା ବସ୍, ୨୪ ମୃତ





ଢ଼ାକା, (ଏଜେନ୍ସି): ବାଂଲାଦେଶ ରାଜବାଡିର ଦୌଲତଦିଆ ଫେରି ଟର୍ମିନାଲରେ ଭାରସାମ୍ୟ ହରାଇ ଏକ ବସ ନଦୀରେ ଖସିପଡ଼ିବାରୁ ୨୪ ଜଣଙ୍କ ମୃତ୍ୟୁ ହୋଇଛି। ବସରେ ପ୍ରାୟ ୪୦ ରୁ ୫୦ ଜଣ ଯାତ୍ରୀ ଥିଲେ। ଯେଉଁଥିରେ ବହୁ ସଂଖ୍ୟକ ମହିଳା ଏବଂ ପିଲା ଥିଲେ। ଯାତ୍ରୀମାନେ ଇଦ୍ ଛୁଟି ପାଳନ କରି ରାଜଧାନୀ ଢାକା ଫେରୁଥିବା ବେଳେ ଏହି ଭୟଙ୍କର ଦୁର୍ଘଟଣା ଘଟିଛି। ସ୍ଥାନୀୟ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ବସଟି ଫେରିରେ ଚଢ଼ିବାକୁ ଚେଷ୍ଟା କରୁଥିବା ବେଳେ ହଠାତ୍ ଭାରସାମ୍ୟ ହରାଇ ପଦ୍ମା ନଦୀରେ ଖସି ପଡ଼ିଥିଲା। ଏହି ଘଟଣା ପରେ ଦେଖଣାହାରୀମାନେ ତୁରନ୍ତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଦୁର୍ଘଟଣା ସମ୍ପର୍କରେ ସୂଚନା ପାଇବା ପରେ, ବାଂଲାଦେଶ ସେନା, ପୁଲିସ, ଅଗ୍ନିଶମବାହିନୀ ଏବଂ ତଟରକ୍ଷୀ ବାହିନୀର ଦଳ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର ଏବଂ ରିଲିଫ୍ କାର୍ଯ୍ୟ ଆରମ୍ଭ କରିଥିଲେ। ଖରାପ ପାଗ ଏବଂ କଷ୍ଟକର ପରିସ୍ଥିତି ସତ୍ତ୍ୱେ, ପ୍ରାୟ ୬ ଘଣ୍ଟାର କଠିନ ପରିଶ୍ରମ ପରେ ଏକ କ୍ରେନ୍ ସାହାଯ୍ୟରେ ବସ୍‌ଟିକୁ ନଦୀରୁ କଢ଼ାଯାଇଥିଲା। ଅନେକ ଯାତ୍ରୀ ଗୋଟିଏ ପରିବାରର ବୋଲି ଜଣାପଡିଛି। ବସ୍ ବାହାରେ ଠିଆ ହୋଇଥିବା କିଛି ଲୋକ ବଞ୍ଚି ଯାଇଛନ୍ତିଏହି ଘଟଣା ସମଗ୍ର ଅଞ୍ଚଳରେ ଆତଙ୍କ ସୃଷ୍ଟି କରିଛି। ପ୍ରଧାନମନ୍ତ୍ରୀ ତାରିକ ରହମାନ ଦୁର୍ଘଟଣା ପାଇଁ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ଏଥିସହ ତଦନ୍ତ ନିର୍ଦ୍ଦେଶ ଦେବା ସହ ପୀଡ଼ିତଙ୍କ ପରିବାର ପ୍ରତି ସମବେଦନା ଜଣାଇଛନ୍ତି।

# ଶ୍ରୀନଗର-ଲେହ ହାଇୱେରେ ହିମସ୍ଖଳନ: ୭ ମୃତ

ଲେହ,(ଏଜେନ୍ସି) : ଶ୍ରୀନଗର-ଲେହ ହାଇୱେରେ ହିମସ୍ଖଳନ ହୋଇ ୭ଜଣଙ୍କ ମୃତ୍ୟୁ ହୋଇଥିବା ଭଳି ସମ୍ବାଦ ହସ୍ତଗତ ହୋଇଛି। ରିପୋର୍ଟ ଅନୁସାରେ ଜୋଜିଲା ପାସ୍‌ର ଜିରୋ ପଏଣ୍ଟ ନିକଟରେ ଏହି ଅଭାବନୀୟ ଅଘଟଣ ଘଟିଛି। ଶୁକ୍ରବାର ଅପରାହ୍ଣ ୪ଟା ସମୟରେ ଏକ ଭୟଙ୍କର ହିମସ୍ଖଳନ ହୋଇଛି। ହିମସ୍ଖଳନ ଯୋଗୁ ଅନେକ ଗାଡ଼ି ପ୍ରାୟ ୬ ଫୁଟ୍ ବରଫ ତଳେ ପୋତି ହୋଇଯାଇଛି। ଏସବୁକୁ ଏବେ ଉଦ୍ଧାର କରାଯିବା ପାଇଁ ଜୋରସୋରରେ ପ୍ରୟାସ ଜାରି ରହିଛି। ଘଟଣାସ୍ଥଳରୁ ମିଳିଥିବା ସୂଚନାନୁସାରେ ହିମସ୍ଖଳନ ସମ୍ପର୍କରେ ସୂଚନା ମିଳିବା ମାତ୍ରେ ପୁଲିସ୍ ଟିମ୍ ଏବଂ ଉଦ୍ଧାରକାରୀ ଦଳ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ୫ ଜଣଙ୍କୁ ଜୀବନ୍ତ ଉଦ୍ଧାର କରିଛନ୍ତି। ବର୍ତ୍ତମାନ ସେମାନଙ୍କର ଚିକିତ୍ସା ଚାଲିଛି। ସେହିପରି ହାଇୱେରୁ ବରଫ ଏବଂ ପଥର ହଟାଇବା କାମ ଜାରି ରହିଛି। ଖୁବ୍ ଶୀଘ୍ର ଯାତାୟାତ ସ୍ୱାଭାବିକ ହେବ ବୋଲି ଆଶା କରାଯାଉଛି। ଅନ୍ୟପକ୍ଷେ ପାଣିପାଗ ବିଭାଗ ପକ୍ଷରୁ ବିଭିନ୍ନ ରାଜ୍ୟ ପାଇଁ ବିଭିନ୍ନ ତାରିଖ ଆଧାରରେ ସତର୍କ ସୂଚନା ଜାରି କରାଯାଇଛି। ସେହିପରି ଯଦି କେହି ଏହି ସମୟରେ ପାହାଡ଼ିଆ ଅଞ୍ଚଳକୁ ଯାତ୍ରା କରିବାକୁ ଯୋଜନା କରୁଛନ୍ତି, ତେବେ ପାଣିପାଗ ରିପୋର୍ଟ ଦେଖି ଘରେ ସତର୍କ ତଥା ସୁରକ୍ଷିତ ରହିବାକୁ ପରାମର୍ଶ ଦିଆଯାଇଛି।

# ସେନା ପଦକ ବିଜେତାଙ୍କୁ କେନ୍ଦ୍ରର ବଡ଼ ଉପହାର: ମିଳିବ ଆଜୀବନ ମାଗଣା ଟ୍ରେନ୍ ସୁବିଧା

ନୂଆଦିଲ୍ଲୀ,(ଏଜେନ୍ସି):ର ଏକ ପ୍ରମୁଖ ପଦକ୍ଷେପ ସ୍ୱରୂପ, ଭାରତ ସରକାର ଦେଶର ତିନି ପ୍ରତିରକ୍ଷା ବାହିନୀ ଯେପରିକି ସ୍ଥଳସେନା, ନୌସେନା ଏବଂ ବାୟୁସେନା ସାହସିକତା ପଦକ ପ୍ରାପ୍ତକାରୀଙ୍କ ପାଇଁ ଜୀବନବ୍ୟାପୀ ମାଗଣା ରେଳ ଯାତ୍ରାର ବିସ୍ତାର ଘୋଷଣା କରିଛନ୍ତି। କେନ୍ଦ୍ର ସରକାରଙ୍କ ପକ୍ଷରୁ ଏନେଇ ନିର୍ଦ୍ଦେଶନାମା ଜାରି ହୋଇଥିବା ବେଳେ ଭାରତୀୟ ରେଳବାଇ ପକ୍ଷରୁ ମଧ୍ୟ ବିଧିବଦ୍ଧ ଘୋଷଣା ମଧ୍ୟ କରାଯାଇଛି। ରେଳବାଇ ଦର୍ଶାଇଛି ଯେ, ପ୍ରତିରକ୍ଷା ସାହସିକତା ପୁରସ୍କାର ପ୍ରାପ୍ତ ବ୍ୟକ୍ତିବିଶେଷ ତଥା ସେମାନଙ୍କ ପରିବାର ସଦସ୍ୟ (ସ୍ୱାମୀ/ସ୍ତ୍ରୀ କିମ୍ବା ପୁନଃବିବାହ ପର୍ଯ୍ୟନ୍ତ) ଏବଂ ଅବିବାହିତା ମରଣୋତ୍ତର ପୁରସ୍କାର ପ୍ରାପ୍ତ ବ୍ୟକ୍ତିଙ୍କ ପିତାମାତାଙ୍କୁ ଏଣିକି ଜୀବନବ୍ୟାପୀ ମାଗଣା ରେଳ ସେବା ଯୋଗାଇଦିଆଯିବ। ସେନା ମେଡାଲ/ନୌସେନା ମେଡାଲ/ବାୟୁ ସେନା ମେଡାଲ ପାଇଁ ଏହି ସୁବିଧା ମିଳିବ। ଏହି ସୁବିଧା ପ୍ରଥମ ଶ୍ରେଣୀ, ୨ ଏସି ଏବଂ ଏସି ଚେୟାର କାର୍ ପାଇଁ ପ୍ରଯୁଜ୍ୟ ହେବ। ପ୍ରତିରକ୍ଷା ମନ୍ତ୍ରଣାଳୟ ଦ୍ୱାରା ଅନୁମୋଦିତ ଏହି ନୂତନ ନିୟମ ତଥା ପଦକ୍ଷେପ ଦେଶର ବୀର ସନ୍ତାନଙ୍କ ସର୍ବୋଚ୍ଚ ବଳିଦାନ ପ୍ରତି ଏକ ଗଭୀର କୃତଜ୍ଞତା ବୋଲି ପ୍ରତିରକ୍ଷା ଅଧିକାରୀମାନେ ପ୍ରକାଶ କରିଛନ୍ତି। ଭାରତର ସର୍ବୋଚ୍ଚ ସାହସିକତା ସମ୍ମାନ ଯଥା- ପରମବୀର ଚକ୍ର, ମହାବୀର ଚକ୍ର, ବୀର ଚକ୍ର, ଅଶୋକ ଚକ୍ର, କୀର୍ତ୍ତି ଚକ୍ର ଓ ଶୌର୍ଯ୍ୟ ଚକ୍ର ବିଜେତାମାନେ ଏହି ବିଶେଷ ସୁବିଧା ପାଇବାକୁ ହକ୍‌ଦାର ହେବେ। କନ୍ଦ୍ର ସରକାରଙ୍କ ଦ୍ୱାରା ନିଆଯାଇଥିବା ଏହି ପଦକ୍ଷେପକୁ କର୍ତ୍ତବ୍ୟ





ପାଳନ ସମୟରେ ଅସାଧାରଣ ସାହସିକତା ପ୍ରଦର୍ଶନ ଏବଂ ବଳିଦାନ ଦେଇଥିବା ସୈନିକମାନଙ୍କ ପ୍ରତି କୃତଜ୍ଞତା ଏବଂ ସମ୍ମାନର ପ୍ରତୀକ ଭାବରେ ଦେଖାଯାଉଛି। ଏହି ନିଷ୍ପତ୍ତିର ଉଦ୍ଦେଶ୍ୟ କେବଳ ବୀରତ୍ୱ ପୁରସ୍କାର ପ୍ରାପ୍ତକାରୀଙ୍କୁ ସମ୍ମାନିତ କରିବା ନୁହେଁ ବରଂ ସେମାନଙ୍କ ପରିବାରକୁ ସାମାଜିକ ଏବଂ ଆର୍ଥିକ ସହାୟତା ପ୍ରଦାନ କରିବା। ସେହିପରି ଭାରତୀୟ ରେଳବାଇ ଅବସରପ୍ରାପ୍ତ ସେନା ଯବାନ୍ ତଥା ପୂର୍ବତନ ଅଗ୍ନିବୀରଙ୍କ ପାଇଁ ମଧ୍ୟ ଏବେ ଏକ ବଡ଼ ନିଯୁକ୍ତି ସୁଯୋଗ ଆଣିଛି। ରିପୋର୍ଟ ଅନୁସାରେ ଏହି ବର୍ଗର ସେନା ଯବାନଙ୍କୁ ନିଯୁକ୍ତି ଦେବା ଉଦ୍ଦେଶ୍ୟରେ ଭାରତୀୟ ରେଳବାଇ ଏକକାଳୀନ ୧୪ହଜାରରୁ ଅଧିକ (୧୪,୭୮୮) ନିଯୁକ୍ତି ଦେବ ବୋଲି ଘୋଷଣା କରିଛି। ରେଳ ମନ୍ତ୍ରଣାଳୟ ଅନୁଯାୟୀ, ଏହି ସହଯୋଗମୂଳକ ପ୍ରୟାସ - 'ସଂସ୍ଥାଗତ ସହଯୋଗକୁ ଗଭୀର କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ ହେବା ସହ ନିଶ୍ଚିତ କରୁଛି ଯେ ପୂର୍ବତନ ସୈନିକମାନେ ଅର୍ଥପୂର୍ଣ୍ଣ ଦ୍ୱିତୀୟ କ୍ୟାରିଅର ପଥଗୁଡ଼ିକୁ ପ୍ରବେଶ କରିପାରିବେ। ଅବସରପ୍ରାପ୍ତ ସୈନିକ ଏବଂ ପୂର୍ବତନ ଅଗ୍ନିବୀରଙ୍କ ଏହି ଦ୍ୱିତୀୟ ନିଯୁକ୍ତିଗତ ପରିବର୍ତ୍ତନକୁ ସହଜ କରିବା ପାଇଁ ରେଳବାଇ ଏକ ଦୃଢ଼ ସଂରକ୍ଷଣ ବ୍ୟବସ୍ଥା ମଧ୍ୟ କାର୍ଯ୍ୟକାରୀ କରିଛି। ଏହି ବ୍ୟବସ୍ଥା ଅନୁସାରେ ରେଳବାଇ ପକ୍ଷରୁ ଅବସରପ୍ରାପ୍ତ ସୈନିକଙ୍କୁ ସ୍ତର-୨ ପଦବୀରେ ୧୦% ସଂରକ୍ଷଣ ସହ ସ୍ତର-୧ ପଦବୀରେ ୨୦% ସଂରକ୍ଷଣ ଦିଆଯିବ। ସେହିପରି ପୂର୍ବତନ ଅଗ୍ନିବୀରଙ୍କୁ ସ୍ତର-୨ ପଦବୀରେ ୫% ଏବଂ ସ୍ତର-୧ ପଦବୀରେ ୧୦% ସଂରକ୍ଷଣ ମିଳିବ। ତେବେ ନିୟମିତ ନିଯୁକ୍ତି ପ୍ରକ୍ରିୟା ଚୂଡ଼ାନ୍ତ ନହେବା ପର୍ଯ୍ୟନ୍ତ ପୂର୍ବତନ ସୈନିକଙ୍କ 'ପଏଣ୍ଟସମ୍ୟାନ' ଭାବରେ ଚୁକ୍ତିଭିତ୍ତିକ ନିଯୁକ୍ତିକୁ ମଧ୍ୟ ମନ୍ତ୍ରଣାଳୟ ମଞ୍ଜୁରୀ ଦେଇଛି।

# ଇସ୍ରାଏଲ୍ କେମିକାଲ୍ ପ୍ଲାଣ୍ଟ୍ ଉପରେ ଆକ୍ରମଣ: ବିଷାକ୍ତ ଗ୍ୟାସ୍ ଲିକ୍ ଚେତାବନୀ

ୱାଶିଂଟନ୍ ଡିସି,(ଏଜେନ୍ସି) : :ମଧ୍ୟପ୍ରାଚ୍ୟ ଯୁଦ୍ଧ ଏବେ ଭୟଙ୍କ ସ୍ଥିତି ଆଡ଼କୁ ଗତି କରୁଛି। ଯୁଦ୍ଧକୁ ଏକମାସ ବିତିଯାଇଥିବା ବେଳେ ଏହା ଥମିବାର ନାଁ ଧରୁନାହିଁ। ଇତିମଧ୍ୟରେ ଦକ୍ଷିଣ ଇସ୍ରାଏଲ୍‌ରେ ଥିବା ଏକ କେମିକାଲ୍ ପ୍ଲାଣ୍ଟ୍ ଉପରେ ଇରାନ୍ ମିସାଇଲ୍ ଆକ୍ରମଣ କରିଛି। ଏହି ଆକ୍ରମଣ ଫଳରେ ପ୍ଲାଣ୍ଟ୍‌ରେ ଭୀଷଣ ନିଆଁ ଲାଗିଯାଇଛି। ଫଳରେ ସମ୍ପୃକ୍ତ ଅଞ୍ଚଳରେ ବିଷାକ୍ତ ଗ୍ୟାସ୍ ଲିକ୍ ହେବାର ବିପଦ ଦେଖାଦେଇଛି। ଜଣେ ବ୍ୟକ୍ତି ଆହତ ମଧ୍ୟ ହୋଇଛନ୍ତି। ଇସ୍ରାଏଲ୍‌ର ବିୟରଶୋଭା ସହରଠାରୁ ପ୍ରାୟ ୯ କିଲୋମିଟର ଦୂରରେ ଥିବା ନିୟୋତ ହୋଭାଭ୍ ଇଣ୍ଡଷ୍ଟ୍ରିଆଲ୍ ଜୋନ୍‌ରେ ଏହି ଆକ୍ରମଣ ହୋଇଛି। ପ୍ଲାଣ୍ଟ୍‌ରେ ବିପଜ୍ଜନକ ରସାୟନ ଥିବାରୁ ଆକ୍ରମଣ ପରେ ସ୍ଥାନୀୟ ପ୍ରଶାସନ ନିକଟସ୍ଥ ଲୋକମାନଙ୍କ କବାଟ-ଝରକା ବନ୍ଦକରି ଘର ଭିତରେ ରହିବାକୁ ପରାମର୍ଶ ଦେଇଛି।

ଜାତୀୟ ଚେତନା
JATIYA CHETANA



# ‘ପ୍ରଗତିଶୀଳ ସମାଜ ଗଠନରେ ମୂଲ୍ୟବୋଧ ଭିତ୍ତିକ ଶିକ୍ଷାର ଭୂମିକା ଗୁରୁତ୍ୱପୂର୍ଣ୍ଣ’




ଭୁବନେଶ୍ୱର,(ଜା.ପ୍ର): ଶାନ୍ତିପୂର୍ଣ୍ଣ ଏବଂ ପ୍ରଗତିଶୀଳ ସମାଜ ଗଠନରେ ମୂଲ୍ୟବୋଧ ଭିତ୍ତିକ ଶିକ୍ଷାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି କହିଛନ୍ତି। ଭୁବନେଶ୍ୱର ସ୍ଥିତ ରାମକୃଷ୍ଣ ମିଶନର ବିବେକାନନ୍ଦ ହଲ୍ ଠାରେ ଆୟୋଜିତ ‘ଶିକ୍ଷକମାନଙ୍କ ପାଇଁ ମୂଲ୍ୟବୋଧ ଭିତ୍ତିକ ଶିକ୍ଷା’ ସମ୍ପର୍କିତ କାର୍ଯ୍ୟକ୍ରମକୁ ଉଦଘାଟନ କରି ରାଜ୍ୟପାଳ ଏହା କହିଛନ୍ତି। ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳ ଉଦବୋଧନ ଦେଇ ଶିକ୍ଷକମାନଙ୍କର ଭୂମିକା ଉପରେ ଗୁରୁତ୍ୱାରୋପ କରିବା ସହିତ ଶିକ୍ଷକମାନନେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଜ୍ଞାନ ସହିତ ଚରିତ୍ରକୁ ପୋଷଣ କରିବାକୁ ଆହ୍ୱାନ ଜଣାଇଛନ୍ତି। ଭାରତର ସମୃଦ୍ଧ ସଭ୍ୟତା ଉପରେ ଆଲୋକପାତ କରି ରାଜ୍ୟପାଳ ଉଲ୍ଲେଖ କରିଥିଲେ ଯେ ଭାରତୀୟ ମୂଲ୍ୟବୋଧରେ ସତ୍ୟ, ଧର୍ମ, ଶାନ୍ତି, ପ୍ରେମ ଏବଂ ଅହିଂସା ପ୍ରତିଫଳିତ। ଏଗୁଡ଼ିକ କେବଳ ଆଦର୍ଶ ନୁହେଁ ବରଂ ଦୈନନ୍ଦିନ ଜୀବନରେ ପାଳନ କରାଯିବା ପାଇଁ ଉଦ୍ଦିଷ୍ଟ। ସଂଘର୍ଷ ଏବଂ ଅସ୍ଥିରତା ଦ୍ୱାରା ପ୍ରଭାବିତ ବର୍ତ୍ତମାନର ବିଶ୍ୱ ପରିସ୍ଥିତିକୁ ରାଜ୍ୟପାଳ ଉଲ୍ଲେଖ କରି ବୁଝାମଣା, ସହନଶୀଳତା ଏବଂ ଆଲୋଚନାକୁ ପ୍ରୋତ୍ସାହିତ କରିବାର ଜରୁରୀ ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ପୁଣି ରାଜ୍ୟପାଳ କହିଥିଲେ ଯେ ଶିକ୍ଷକମାନେ ମାର୍ଗଦର୍ଶକ ଏବଂ ରାଷ୍ଟ୍ର ନିର୍ମାତା ଭାବରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି ଏବଂ ମାର୍ଗଦର୍ଶନ ଓ ଉଦାହରଣ ମାଧ୍ୟମରେ ଯୁବ ମନକୁ ଗଠନ କରନ୍ତି। ଶିକ୍ଷକମାନେ ଛାତ୍ରଙ୍କୁ ଚିନ୍ତାରେ ନିର୍ଭୀକ, କାର୍ଯ୍ୟରେ ଦୟାଳୁ ଏବଂ ମାନବତାର ସେବା ପାଇଁ ପ୍ରତିବଦ୍ଧ ହେବା ପାଇଁ ମାର୍ଗଦର୍ଶନ କରିବାକୁ ଆହ୍ୱାନ ଜଣାଇଥିଲେ ଏବଂ କହିଥିଲେ ଯେ ଜଣେ ପରିବର୍ତ୍ତିତ ବ୍ୟକ୍ତି ମଧ୍ୟ ସାମାଜିକ ପରିବର୍ତ୍ତନରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇପାରିବେ। ରାଜ୍ୟପାଳ ଏହା ମଧ୍ୟ କହିଥିଲେ ଯେ ମୂଲ୍ୟବୋଧ କେବଳ ପୁସ୍ତକରୁ ଶିକ୍ଷା ଦିଆଯିବା ଉଚିତ୍ ନୁହେଁ, ବରଂ ଦୈନନ୍ଦିନ ଜୀବନରେ ବଞ୍ଚିବା ଏବଂ ଅଭିଜ୍ଞତା ହାସଲ କରିବା ଉପରେ ଏହା ପର୍ଯ୍ୟବେଶିତ ହେବା ଉଚିତ୍। ଅନ୍ୟମାନଙ୍କ ମଧ୍ୟରେ ରାମକୃଷ୍ଣ ମଠ ହାଇଦ୍ରାବାଦର ସମ୍ପାଦକ ସ୍ୱାମୀ ବୋଧମୟାନନ୍ଦ ଉଦବୋଧନ ଦେଇଥିଲେ। ରାମକୃଷ୍ଣ ମିଶନର ସମ୍ପାଦକ ସ୍ୱାମୀ ଆତ୍ମପ୍ରଭାନନ୍ଦ ସ୍ୱାଗତ ଭାଷଣ ଦେଇଥିବା ବେଳେ ରାମକୃଷ୍ଣ ମିଶନର ସଭାପତି ଡ଼ା. ଚଣ୍ଡୀ ଦାସ ଦେଇଥିଲେ।

# ନୀତି ପ୍ରଣୟନ ଦିନଠାରୁ ପେନସନ ଦିଅ: ପୂର୍ବ ଅବସରପ୍ରାପ୍ତ କର୍ମଚାରୀ ସଂଘ

ଭୁବନେଶ୍ୱର,(ଜା.ପ୍ର): ଡିଏଲଆର କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ଏବଂ ୧୫.୦୫.୧୯୯୭ର ନୀତି ପ୍ରଣୟନ ଆଧାରରେ ପେନସନ ତଥା ଅନ୍ୟାନ୍ୟ ସୁବିଧା ପ୍ରଦାନ କରିବାକୁ ‘ଓଡ଼ିଶା ପୂର୍ବ ଅବସରପ୍ରାପ୍ତ ୱାର୍କଚାର୍ଜଡ୍/ରେଗୁଲାର କର୍ମଚାରୀ ସଂଘ’ ଦାବି କରିଛି। ସଂଘ ସଭାପତି ଅରୁଣ କେଶରୀ ପରିଡ଼ା ଓ ସାଧାରଣ ସମ୍ପାଦକ ଗଗନ ଭଞ୍ଜ ଏକ ପ୍ରେସ୍ ଇସ୍ତାହାରରେ କହିଛନ୍ତି ଯେ, ୧୯୭୯ ଓ ୧୯୮୧ର ରହିତାଦେଶ ପରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ୧୯୯୨ରେ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ୧୯୮୧ରୁ ୧୯୯୩ ମଧ୍ୟରେ କାର୍ଯ୍ୟରତ ଡିଏଲଆର କର୍ମଚାରୀଙ୍କ ପାଇଁ ୧୫.୦୫.୧୯୯୭ରେ ସରକାର ଏକ ନୀତି ପ୍ରଣୟନ କରି ଗ୍ରୁପ୍ ‘ସି’ ଓ ‘ଡି’ ପଦବୀରେ ନିଯୁକ୍ତି ପାଇଁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ୧୯୯୯ରେ ୭୫ ପ୍ରତିଶତ ମୂଳ ପଦବୀ ଉଚ୍ଛେଦ କରାଯିବାରୁ ଯୋଗ୍ୟ କର୍ମଚାରୀମାନେ ନିଯୁକ୍ତିରୁ ବଞ୍ଚିତ ହେଲେ ଏବଂ ଅନେକ ଏବେ ବିନା ପେନସନରେ ଅବସର ନେଉଛନ୍ତି। ସଂଘ ଅଭିଯୋଗ କରିଛି ଯେ ସରକାର ନିଜେ କରିଥିବା ନୀତିକୁ ଅଣଦେଖା କରି କର୍ମଚାରୀଙ୍କୁ ୧୪ ବର୍ଷ ପରେ ୱାର୍କଚାର୍ଜଡ୍ ?କୁ ରୂପାନ୍ତରିତ କଲେ। ଏହାଦ୍ୱାରା ଅନେକ କର୍ମଚାରୀ ଅଳ୍ପ କିଛି ବର୍ଷ ରେଗୁଲାର ଚାକିରି କରି ବିନା ପେନସନରେ ଅବସର ନେବାକୁ ବାଧ୍ୟ ହେଉଛନ୍ତି। ବହୁ ସଂଖ୍ୟକ କର୍ମଚାରୀ ସେମାନଙ୍କର ନ୍ୟାୟିକ ହକ ପାଇଁ ହାଇକୋର୍ଟ ଏବଂ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। କୋର୍ଟ କର୍ମଚାରୀଙ୍କ ସପକ୍ଷରେ ରାୟ ଦେଇଥିଲେ ହେଁ ସରକାର ଏହାକୁ ଉପେକ୍ଷା କରୁଛନ୍ତି ଏବଂ ବିଭାଗୀୟ ସଚିବ କୋର୍ଟ ଅବମାନନାର ଶିକାର ହେଉଛନ୍ତି। ସରକାର ନଥିରେ ଦର୍ଶାଉଛନ୍ତି ଯେ ଏହା ଅନ୍ୟମାନଙ୍କ ପାଇଁ ଉଦାହରଣ ହେବା ଉଚିତ ନୁହେଁ, ଯାହା କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି। ସୁପ୍ରିମକୋର୍ଟ ଏବଂ ହାଇକୋର୍ଟ ସ୍ପଷ୍ଟ କରିଛନ୍ତି ଯେ ଯେହେତୁ ଏହି କର୍ମଚାରୀମାନେ ବହୁ ବର୍ଷ ଧରି ସରକାରଙ୍କୁ ସେବା ଯୋଗାଇଛନ୍ତି, ସମ୍ବିଧାନର ଧାରା-୧୪ ଓ ୧୬ ଅନୁଯାୟୀ ସେମାନେ ପେନସନ ପାଇବାକୁ ସମ୍ପୂର୍ଣ୍ଣ ଯୋଗ୍ୟ। କୋର୍ଟଙ୍କ ନିର୍ଦ୍ଦେଶ ରହିଛି ଯେ ସରକାର ଯେଉଁ ଦିନ ନୀତି ଘୋଷଣା କରିଥିଲେ, ସେହି ଦିନଠାରୁ ସେବା ଅବଧି ଗଣନା କରି ପେନସନ ପ୍ରଦାନ କରାଯାଉ। କିନ୍ତୁ ବିଭାଗୀୟ ସ୍ତରରେ ଏହାକୁ କାର୍ଯ୍ୟକାରୀ କରାଯାଉ ନଥିବାରୁ ଅବସରପ୍ରାପ୍ତ କର୍ମଚାରୀମାନେ ଆର୍ଥିକ ଅନାଟନ ମଧ୍ୟରେ ଗତି କରୁଛନ୍ତି। ସଂଘର ନେତୃତ୍ୱ ନେଉଥିବା ଅଶୋକ ଚୌଧୁରୀ, ଭାଗ୍ୟରଥୀ ପଟ୍ଟନାୟକ, ଜମିଲୁର ରହମାନ ଏବଂ ପ୍ରତାପ ସେନାପତିଙ୍କ ସମେତ ଅନ୍ୟ ପ୍ରମୁଖ ସଦସ୍ୟମାନେ ମୁଖ୍ୟମନ୍ତ୍ରୀ ଏବଂ ପୂର୍ତ୍ତ ମନ୍ତ୍ରୀଙ୍କୁ ଏହି ବିଷୟରେ ହସ୍ତକ୍ଷେପ କରିବାକୁ ଅନୁରୋଧ କରିଛନ୍ତି। ଅଯଥା କୋର୍ଟ କଚେରୀରେ ରାଜକୋଷରୁ ଅର୍ଥ ଖର୍ଚ୍ଚ ନକରି ଏକ ଉଚ୍ଚସ୍ତରୀୟ ବୈଠକ ମାଧ୍ୟମରେ ଏହାର ସମାଧାନ କରିବାକୁ ସେମାନେ ଦାବି କରିଛନ୍ତି। ଗରିବ ଅବସରପ୍ରାପ୍ତ କର୍ମଚାରୀଙ୍କୁ ପେନସନ, ଗ୍ରାଚ୍ୟୁଇଟି ଏବଂ ଅବ୍ୟବହୃତ ଛୁଟି ଦରମା ତୁରନ୍ତ ପ୍ରଦାନ କରାଗଲେ ସେମାନେ ଶେଷ ବୟସରେ ସମ୍ମାନର ସହ ବଞ୍ଚିପାରିବେ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଏହି ପ୍ରସଙ୍ଗରେ ସରକାରଙ୍କ ଶୀଘ୍ର ନିଷ୍ପତ୍ତିକୁ ହଜାର ହଜାର ପ୍ରଭାବିତ ପରିବାର ଚାହିଁ ରହିଛନ୍ତି।

# ବିଜୁଙ୍କ ବିରୋଧରେ ଅପମାନଜନକ ମନ୍ତବ୍ୟ: ଯୋଗାଯୋଗ ଏବଂ ଆଇଟି କମିଟିରୁ ଇସ୍ତଫା ଦେଲେ ସସ୍ମିତ

ଭୁବନେଶ୍ୱର,(ଜା.ପ୍ର): ସାଧାରଣ ସଭାରେ ବିଜୁ ପଟ୍ଟନାୟକଙ୍କ ବିରୋଧରେ ଅପମାନଜନକ ମନ୍ତବ୍ୟ ପାଇଁ ସାଂସଦ ସସ୍ମିତ ପାତ୍ର ରାଜ୍ୟସଭାର ଯୋଗାଯୋଗ ଏବଂ ସୂଚନା ପ୍ରଯୁକ୍ତି କମିଟି ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ସେ ତାଙ୍କର ଇସ୍ତଫା ପତ୍ର ରାଜ୍ୟସଭା ଅଧ୍ୟକ୍ଷଙ୍କ ନିକଟକୁ ପଠାଇଛନ୍ତି। ବିଜେପି ସାଂସଦ ନିଶିକାନ୍ତ ଦୁବେଙ୍କ ମନ୍ତବ୍ୟ ପ୍ରତିବାଦରେ ସେ ଇସ୍ତଫା ଦେଇଥିବା ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି। କମିଟିର ଅଧ୍ୟକ୍ଷ ପଦରେ ନିଶିକାନ୍ତ ଥିବାରୁ ପ୍ରତିବାଦ କରି ସେ ଏହି ଇସ୍ତଫା ଦେଇଛନ୍ତି। ସାଂସଦ ସସ୍ମିତ ପାତ୍ର କହିଛନ୍ତି ଯେ, ‘ନିଶିକାନ୍ତଙ୍କ ମନ୍ତବ୍ୟ ଅପମାନଜନକ, ମିଥ୍ୟା ଓ ଆଧାରହୀନ। ବିଜୁ ବାବୁ ଜଣେ ଆନ୍ତର୍ଜାତିକସ୍ତରର ମହାନ ବ୍ୟକ୍ତିତ୍ୱ ଏବଂ ଜଣେ କିମ୍ବଦନ୍ତୀ ପୁରୁଷ। ଭାରତର ବିଶ୍ୱ କୂଟନୀତି ନିଶ୍ଚିତ କରିବାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। ଇଣ୍ଡୋନେସିଆ ସ୍ୱାଧୀନତା ସଂଗ୍ରାମୀଙ୍କୁ ଉଦ୍ଧାର କରିବାରେ ମଧ୍ୟ ତାଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ରୁଷିୟ ମାନଙ୍କୁ ସମର୍ଥନ କରିବାରେ ତାଙ୍କର ଭୂମିକା ଥିଲା। ତେବେ ନିଶିକାନ୍ତ ଦୁବେଙ୍କ ମନ୍ତବ୍ୟ ଦର୍ଶାଉଛି ଯେ ଭାରତୀୟ ଜନତା ପାର୍ଟି ପାଇଁ ଓଡ଼ିଆ ଅସ୍ମିତା କ’ଣ। ସେମାନେ ଓଡ଼ିଆ ଅସ୍ମିତା ବିଷୟରେ କଥାବାର୍ତ୍ତା କରନ୍ତି, କିନ୍ତୁ ବିଜୁ ବାବୁଙ୍କ ଭଳି ଜଣେ ରାଜନେତାଙ୍କ ବିରୁଦ୍ଧରେ ଅପମାନଜନକ, ମିଥ୍ୟା ଏବଂ ମନଗଢ଼ା ବୟାନ ଦେବା ପାଇଁ ଏତେ ନିମ୍ନ ସ୍ତରକୁ ଯାଇଥାନ୍ତି।’

## ଓଏଏସ୍ ସ୍ତରରେ ଅଦଳବଦଳ

ଭୁବନେଶ୍ୱର,(ଜା.ପ୍ର): ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଓଡ଼ିଶା ପ୍ରଶାସନିକ ସେବା (ଓଏଏସ୍) ଅଧିକାରୀ କ୍ୟାଡରରେ ଏକ ବଡ଼ ଧରଣର ଅଦଳବଦଳ ଘୋଷଣା କରାଯାଇଛି। ୮ ଜଣ ଓଏଏସ୍ ଅଧିକାରୀଙ୍କୁ ସେମାନଙ୍କ ବର୍ତ୍ତମାନର ପଦବୀରୁ ବିଭିନ୍ନ କାର୍ଯ୍ୟାଳୟକୁ ବଦଳି କରାଯାଇଛି। ବିଜ୍ଞପ୍ତି ଅନୁସାରେ ହେମସାଗର ଭୋଇଙ୍କୁ ବରଗଡ଼ର ପଦ୍ମପୁରର ଉପ-ବିଭାଗୀୟ ମାଜିଷ୍ଟ୍ରେଟ ଭାବରେ ବଦଳି କରାଯାଇଛି। ସେ କୁଚିଣ୍ଡା, ସମ୍ବଲପୁର ଆଇଟିଡିଏ ପିଏ ଭାବେ କାର୍ଯ୍ୟରତ ଥିଲେ। ସେହିପରି ଅଶୋକ କୁମାର ଦାସଙ୍କୁ ବଣାଇ ସବ୍‌କଲେକ୍ଟର ଭାବରେ ବଦଳି କରାଯାଇଛି। ଶ୍ରୀ ଦାସ ଭୁବନେଶ୍ୱର ମହାନଗର ନିଗମରେ ଡେପୁଟି କମିଶନର ଭାବେ କାର୍ଯ୍ୟ କରୁଥିଲେ। ଦୟାସିନ୍ଧୁ ପରିଡ଼ାଙ୍କୁ ମୟୂରଭଞ୍ଜ କରଞ୍ଜିଆର ସବ୍‌କଲେକ୍ଟର ଭାବରେ ବଦଳି କରାଯାଇଛି। ସେ ବାରିପଦା, ମୟୂରଭଞ୍ଜ ଉପଜିଲ୍ଲାପାଳ ଭାବେ କାର୍ଯ୍ୟରତ ଥିଲେ। ଯଦୁମଣି ନାୟକଙ୍କୁ ଜୟପୁରର ସବ୍‌କଲେକ୍ଟର ଭାବରେ ବଦଳି କରାଯାଇଛି। ଆଶିଷ ରଞ୍ଜନ ସାହୁଙ୍କୁ ତାଳଚେରର ଉପଜିଲ୍ଲାପାଳ, ଅଜୟ ପ୍ରକାଶ ତିର୍କିଙ୍କୁ ରାଇରଙ୍ଗପୁରର ବାମନଘାଟିରେ ଉପଜିଲ୍ଲାପାଳ, ମନୋସ୍ୱିନୀ ଦାସଙ୍କୁ କଟକ ବାଙ୍କିର ଉପଜିଲ୍ଲାପାଳ ଓ ଭୁବନେଶ୍ୱର ଇଡ୍‌କୋର ଭୂମି ଅଧିକାରୀ ସ୍ମୃତି ରଞ୍ଜନ ମଲ୍ଲିକଙ୍କୁ ଭଦ୍ରକର ଅତିରିକ୍ତ ସବ୍ କଲେକ୍ଟର ଭାବରେ ବଦଳି କରାଯାଇଛି।

## ଭିଜିଲାନ୍ସ ଜାଲରେ ଆରଆଇ

ଭୁବନେଶ୍ୱର,(ଜା.ପ୍ର): ଏକ ମ୍ୟୁଟେସନ ମାମଲାରେ ୩୦ ହଜାର ଟଙ୍କା ଲାଞ୍ଚ ନେବା ବେଳେ କଟକ ଜିଲ୍ଲା ଟାଙ୍ଗୀ-ଚୌଦ୍ୱାର ତହସିଲର ମଙ୍ଗରାଜପୁର ରାଜସ୍ୱ ନିରୀକ୍ଷକ (ଆରଆଇ) ରାଜାରାମ ବାନ୍ଦ୍ରା ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଜଣେ ବ୍ୟକ୍ତି ତାଙ୍କ ପଡିତ ଜମିକୁ ଘରବାଡ଼ି ଜମିରେ ପରିବର୍ତ୍ତନ କରିବା ପାଇଁ ଚଳିତ ମାସ ୧୦ ତାରିଖରେ ଅନଲାଇନରେ ଆବେଦନ କରିଥିଲେ। କିନ୍ତୁ ଆରଆଇ ଶ୍ରୀ ବାନ୍ଦ୍ରା ତାଙ୍କ ସହିତ ଯୋଗାଯୋଗ କରି ତାଙ୍କୁ ୩୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଆରଆଇ ଲାଞ୍ଚ ମାଗିବା ପରେ ଜମି ମାଲିକ ଏ ସଂପର୍କରେ ଭିଜିଲାନ୍ସକୁ ଜଣାଇଥିଲେ। ଏହା ପରେ ଯୋଜନା ମୁତାବକ ଆଜି ଜମି ମାଲିକ ଆରଆଇ ଶ୍ରୀ ବାନ୍ଦ୍ରାଙ୍କୁ ତାଙ୍କ ଅଫିସରେ ଭେଟି ୩୦ ହଜାର ଟଙ୍କା ଦେଇଥିଲେ। ଆରଆଇ ଲାଞ୍ଚ ଅର୍ଥ ଗ୍ରହଣ କରିବା ପରେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଧରିଥିଲେ।

## ମାଓମୁକ୍ତ ଓଡ଼ିଶା ରାସ୍ତାରେ ଶେଷ ୪୮ ଘଣ୍ଟା

# ସରେଣ୍ଡର ନଚେତ ଏନ୍‌କାଉଣ୍ଟର: ଡିଜିପି

ଭୁବନେଶ୍ୱର,(ଜା.ପ୍ର): ମାଓ ମୁକ୍ତ ଭାରତ ଏବଂ ଓଡ଼ିଶା ପାଇଁ ଡେଡ୍‌ଲାଇନକୁ ଆଉ ମାତ୍ର ୪୮ ଘଣ୍ଟା। ଏବେ ବି ରାଜ୍ୟରେ ବାକି ରହିଯାଇଛନ୍ତି ଆଉ ସକ୍ରିୟ ୯ ମାଓବାଦୀ। ଡିଭିସି ମେମ୍ବର ସିଲା ନେତୃତ୍ୱରେ ୯ ଜଣିଆ ଦଳ କନ୍ଧମାଳ ଜଙ୍ଗଲରେ ରହିଥିବା ସୁରକ୍ଷା ବାହିନୀକୁ ସୂଚନା ମିଳିଛି। ଆଉ ଅପରେସନରେ ଅନ୍ତିମ ଟଚ୍ ଦେବାକୁ ରଣନୀତି ପାଇଁ ଖୋଦ୍ ପୁଲିସ ଡିଜି ୱାଇ ବି ଖୁରାନିଆ କନ୍ଧମାଳରେ ଡେରା ପକାଇଛନ୍ତି। ଡିଭିସି ମେମ୍ବର ସିଲା ନେତୃତ୍ୱରେ ରାଜ୍ୟରେ ଶେଷ ନିଶ୍ୱାସ ନେଉଥିବା ମାଓ ସଂଗଠନରେ ଅଛନ୍ତି ମାତ୍ର ୯ ଆକ୍ଟିଭ୍ ମେମ୍ବର। ଯେଉଁଥିରେ ମାତ୍ର ୨ ଜଣ ପୁରୁଷ। ସିଲା ସହ ଏରିଆ କମିଟି ମେମ୍ବର ସୁଷମା, ରଞ୍ଜିତା, ସନ୍ଧ୍ୟା, ମଙ୍ଗୁ, ସନ୍ତୋଷ ଏବଂ ପାର୍ଟି ମେମ୍ବର ଜିବିନୀ, ସସ୍ମିତା ଓ ଜାନି। ଏମାନଙ୍କ ମୁଣ୍ଡ ଉପରେ ରହିଛି ପ୍ରାୟ ୮୫ ଲକ୍ଷରୁ ଅଧିକ ପୁରସ୍କାର ରାଶି। ବାରମ୍ବାର ଚେତାବନୀ ପରେ ବି ଏମାନେ ମୁଣ୍ଡ



ନୁଆଁଉ ନାହାନ୍ତି କି ଆତ୍ମ ସମର୍ପଣ କରୁନାହାନ୍ତି। ତେଣୁ କନ୍ଧମାଳରେ ସ୍ଥିତି ସମୀକ୍ଷା କରି ପୁଲିସ୍ ଡିଜି ଶେଷ ଚେତାବନୀ ଦେଇଛନ୍ତି। ସରେଣ୍ଡର ନଚେତ ଏନକାଉଣ୍ଟର। ଯେଉଁଥି ପାଇଁ ଏସଓଜି, ସିଆରପିଏଫ୍ ଓ ବିଏସଏଫର ମିଳିତ ବାହିନୀ କନ୍ଧମାଳରେ ଏବେ ଅପରେସନକୁ ଜୋରଦାର କରିଛନ୍ତି। ଅନ୍ୟପକ୍ଷରେ ଗତ ବର୍ଷକ ମଧ୍ୟରେ ୭୭ ମାଓବାଦୀ ଓଡ଼ିଶା ପୁଲିସ ନିକଟରେ ଆତ୍ମସମର୍ପଣ କରିସାରିଲେଣି। ସେହିଭଳି ୨୩ ଜଣ ମାଓବାଦୀ ଓଡ଼ିଶାରୁ ଯାଇ ଛତିଶଗଡ଼ରେ ଆତ୍ମସମର୍ପଣ କରିଥିବା ଜଣାପଡ଼ିଛି। ଏହାରି ଭିତରେ ମାଓ ମୁକ୍ତ ଓଡିଶା ଅଭିଯାନରେ ପୁଲିସ ଗୁଳିରେ ୨୭ ମାଓବାଦୀ ପ୍ରାଣ ହରାଇଛନ୍ତି। ଏଭଳି ସ୍ଥଳେ ମାଓବାଦୀଙ୍କ ଉପସ୍ଥିତି ଏବେ କେବଳ କନ୍ଧମାଳ ଜିଲ୍ଲାରେ ସୀମିତ ରହିଛି। ୨୦୨୫ ଜାନୁଆରୀ ୨୫ ତାରିଖରେ ନୂଆପଡ଼ା-ଗରିଆବନ୍ଦ ଅପରେସନ ଥିଲା ଓଡ଼ିଶା ପୁଲିସ ପାଇଁ ଏକ ବଡ ଅପରେସନ। ଯେଉଁଠି ସୁରକ୍ଷାକର୍ମୀଙ୍କ ଗୁଳିରେ ମାଓ ନେତା ହିଡମା ସମେତ ୧୭ ଜଣ ଟଳି ପଡ଼ିଥିଲେ। ପରେ ପରେ କନ୍ଧମାଳରେ ସୁରକ୍ଷାକର୍ମୀଙ୍କ ଗୁଳିରେ ମାଓ ନେତା ଗଣେଶ ସଫା ହେବା ପରେ ପୂରା ସଂଗଠନ ଦୁର୍ବଳ ହୋଇପଡ଼ିଥିଲା। ଶେଷ ରାଜ୍ୟ ସ୍ତରୀୟ ନେତା ଭାବେ ସୁକା ସୋଡି ଓରଫ ଶୁକ୍ରୁ ସରେଣ୍ଡର ପରେ ଏବେ ମାଓ ସଂଗଠନ ପୂରା ଦିଶାହୀନ।

ଜାତୀୟ ଚେତନା
JATIYA CHETANA

# ଗଣତନ୍ତ୍ର ଏବଂ ଗଦ୍ୟର ସମ୍ପର୍କ

ଗଣତନ୍ତ୍ର ଏବଂ ଗଦ୍ୟର ସମ୍ପର୍କ କେବଳ ଶାସନ ଓ ସାହିତ୍ୟର ସୀମା ମଧ୍ୟରେ ଆବଦ୍ଧ ନୁହେଁ। ଗଣତନ୍ତ୍ର ହେଉଛି ଏକ ଜୀବନ ପରିଚାଳନାର ଶୈଳୀ ଏବଂ ଗଦ୍ୟ ହେଉଛି ସେହି ଜୀବନକୁ ବୁଝିବା ଓ ବୁଝାଇବାର ଶ୍ରେଷ୍ଠ ମାର୍ଗ। ଯେଭଳି ଉତ୍କୃଷ୍ଟ ଉପାଦାନ ଥାଇ ମଧ୍ୟ ନିର୍ମଳ ଜଳ ବିନା ଏକ ଉତ୍ତମ ପାନୀୟ ପ୍ରସ୍ତୁତ ହୋଇପାରେନା, ସେହିଭଳି ଶିକ୍ଷା, ସଂସ୍କୃତି ଓ ଆଦର୍ଶ ଥାଇ ମଧ୍ୟ ଉଚିତ 'ଗଦ୍ୟ'ର ବିକାଶ ବିନା ଏକ ଉନ୍ନତ ଗଣତନ୍ତ୍ର ତିଷ୍ଠି ରହିବା ଅସମ୍ଭବ।

ଇତିହାସ ସାକ୍ଷୀ ଅଛି, ଫାସିବାଦ ବା ଏକଛତ୍ରବାଦ କୌଣସି ସାମରିକ ଶକ୍ତି ବଳରେ ନୁହେଁ, ବରଂ ଗଣତନ୍ତ୍ରର କାନ୍ଧରେ ଚଢ଼ି ହିଁ କାୟା ବିସ୍ତାର କରିଥାଏ। ଆଡୋଲ୍ଫ ହିଟଲର କିମ୍ବା ବେନିଟୋ ମୁସୋଲିନି କୌଣସି ଗୁଣ୍ଡାଶାସନ ଜରିଆରେ କ୍ଷମତାକୁ ଆସିନଥିଲେ। ଜର୍ମାନୀ ଏବଂ ଇଟାଲି ସେତେବେଳେ ବେଶ୍ ଶିକ୍ଷିତ ଓ ସଂସ୍କୃତିବନ୍ତ ଦେଶ ଥିଲେ। ତଥାପି ସେଠାରେ ମାନବିକତା ବିରୋଧୀ ଏକଛତ୍ରବାଦର ଜନ୍ମ ହେଲା, ଯାହାର ମୂଳ କାରଣ ଥିଲା- ସେଠାରେ ଉପଯୁକ୍ତ 'ଗଦ୍ୟ' ବା ଯୁକ୍ତିସଙ୍ଗତ ଚିନ୍ତନର ଅଭାବ। ଗଦ୍ୟର ଅଭାବରେ ହିଁ ଗଣତନ୍ତ୍ର ଦୁର୍ବଳ ହୁଏ ଏବଂ ଏହି ଦୁର୍ବଳତାର ସୁଯୋଗ ନେଇ ଫାସିବାଦ ନିଜର ଆସ୍ଥାନ ଜମାଏ। ତେଣୁ ଗଣତନ୍ତ୍ରକୁ ଜୀବନ୍ତ ରଖିବାକୁ ହେଲେ ସମାଜରେ ସ୍ୱଚ୍ଛ, ନିର୍ଭୀକ ଏବଂ ଯୁକ୍ତିଯୁକ୍ତ ଗଦ୍ୟର ବିକାଶ ଏକାନ୍ତ ଅପରିହାର୍ଯ୍ୟ।

ସାଧାରଣରେ ଗଣତନ୍ତ୍ରକୁ 'ଲୋକଶାସନ' ବୋଲି କୁହାଯାଉଥିଲେ ହେଁ, ଏହି ଧାରଣା ସମ୍ପୂର୍ଣ୍ଣ ସଠିକ୍ ନୁହେଁ। ରାଜତନ୍ତ୍ରରେ ରାଜା ବା ସାମରିକ ଶାସନରେ ସାମରିକ ମୁଖ୍ୟ ସିଧାସଳଖ ଶାସନ କରିଥାନ୍ତି, କିନ୍ତୁ ଗଣତନ୍ତ୍ରରେ ଲୋକମାନେ ନିଜେ ଶାସନ କରନ୍ତି ନାହିଁ। ବାସ୍ତବରେ, ଗଣତନ୍ତ୍ର ହେଉଛି ଏକ 'ପ୍ରତିନିଧି ଶାସନ'। ଏଠାରେ ଜନସାଧାରଣ ନିଜ ମତାଧିକାର ମାଧ୍ୟମରେ ପ୍ରତିନିଧି ବାଛନ୍ତି ଏବଂ ସେହିମାନେ ହିଁ ଶାସନ ଗାଦିରେ ବସନ୍ତି। ତେଣୁ ଗଣତନ୍ତ୍ର ଯେତିକି 'ନିର୍ବାଚିତର ଶାସନ', ତା'ଠାରୁ ଅଧିକ ଏହା 'ନିର୍ବାଚନର ଶାସନ'। ଏହି ବ୍ୟବସ୍ଥାରେ ନିର୍ବାଚନ ହିଁ ଅସଲ ନିୟାମକ। ଥରେ ନିର୍ବାଚନ ପ୍ରକ୍ରିୟା ଶେଷ ହୋଇଗଲେ, ତାହା ନ୍ୟାୟପୂର୍ଣ୍ଣ ଥିଲା କି ଅନ୍ୟାୟପୂର୍ଣ୍ଣ—ସେହି ବିଚାର ଗୌଣ ହୋଇଯାଏ। ନିର୍ବାଚନରୁ ମିଳିଥିବା 'ଅମଳ' ଯଦିଓ ଅଗାଡ଼ି କିମ୍ବା ବାଲୁଙ୍ଗାରେ ଭର୍ତ୍ତି ହୋଇଥାଏ, ତଥାପି ଗଣତନ୍ତ୍ର ତାହାକୁ ଗ୍ରହଣ କରିବାକୁ ବାଧ୍ୟ ହୁଏ। ସେତେବେଳକୁ 'ଲେଡ଼ିଗୁଡ଼ କହୁଣୀକୁ ବୋହି ସାରିଥାଏ' ଏବଂ ସାଧାରଣ ଜନତା କେବଳ ପଡ଼ିଆ ଚାରିପଟେ ଭିଡ଼ ଜମାଇ ହୋହଲ୍ଲା କରିବା ଛଡ଼ା ଅନ୍ୟ କିଛି କରିପାରନ୍ତି ନାହିଁ। ନିର୍ବାଚନ ପ୍ରତିନିଧି ବାଛିଥାଏ ସତ, କିନ୍ତୁ ଏହି ବାଛିବାର ସମଗ୍ର ପ୍ରକ୍ରିୟା ମୁଖ୍ୟତଃ 'ଲୋକମତ' ଉପରେ ହିଁ ଆଧାରିତ। ତେଣୁ ଉଚିତ ଲୋକମତ ଗଠନ ପାଇଁ ସଠିକ୍ ବିଚାର ଓ ବିଶ୍ଳେଷଣର ଆବଶ୍ୟକତା ରହିଛି, ଯାହା ଗଣତନ୍ତ୍ରର ମୂଳଦୁଆକୁ ସୁଦୃଢ଼ କରିପାରିବ। ଲୋକମତ କେବଳ ପଇସା, ଲାଞ୍ଚ, ଧମକ କିମ୍ବା ବଳପ୍ରୟୋଗରେ ତିଆରି ହୁଏନାହିଁ। ଯଦି କେବଳ ବାହୁବଳ କିମ୍ବା ଅର୍ଥବଳ ଶାସନର ମାପକାଠି ହୋଇଥାନ୍ତା, ତେବେ ଇତିହାସରେ ଅପହର୍ତ୍ତା ଓ ଅସୁରମାନେ କାଳକାଳ ପାଇଁ ଶାସନ ଗାଦିରେ ଅଧିଷ୍ଠିତ ହୋଇ ରହିଥାନ୍ତେ। ମାତ୍ର ବାସ୍ତବରେ ବ୍ୟକ୍ତିତ୍ୱ ଏବଂ ଆଦର୍ଶର ବଳ ଆଗରେ ଏ ସମସ୍ତ ପାଶବିକ ଶକ୍ତି ଅକାମୀ ହୋଇଯାଏ। ଏହି ସନ୍ଧିକ୍ଷଣରେ ହିଁ 'ଉତ୍ତମ ଗଦ୍ୟ' ବା ଯୁକ୍ତିଯୁକ୍ତ ଚିନ୍ତନର ପ୍ରଭାବ ସ୍ପଷ୍ଟ ଜଣାପଡ଼େ, ଯାହା ସାଧାରଣ ଜନତାଙ୍କୁ ସତ୍ୟ ଓ ନ୍ୟାୟର ମାର୍ଗ ଦେଖାଇଥାଏ। ଇତିହାସର ପୃଷ୍ଠା ଓଲଟାଇଲେ ଦେଖାଯାଏ ଯେ, ଅତୀତରେ ସର୍ବତ୍ର ରାଜତନ୍ତ୍ରର ପ୍ରଭାବ ରହିଥିଲା। ରାଜା କହିଲେ ସର୍ବଶକ୍ତିମାନ ଏବଂ ଚଳନ୍ତି ଠାକୁର। ଫ୍ରାନ୍ସର ଚତୁର୍ଦ୍ଦଶ ଲୁଇଙ୍କ ଭଳି ଶାସକ ୭୨ ବର୍ଷ ଧରି ନିରଙ୍କୁଶ ଶାସନ କରିବାର ରେକର୍ଡ ସୃଷ୍ଟି କରିଥିଲେ। ସେ ସମୟରେ ଇତିହାସ କହିଲେ କେବଳ ରାଜାରାଣୀଙ୍କ କାରନାମାର କ୍ରମପ୍ରଣାଳୀକୁ ବୁଝାଉଥିଲା; ସେଠାରେ ଶିଳ୍ପୀ, ଲେଖକ କିମ୍ବା ବିଦ୍ୱାନଙ୍କ ପାଇଁ ଶାସନର ଆସନ ନଥିଲା। ମାତ୍ର ଷୋଡ଼ଶ ଲୁଇଙ୍କ ସମୟରେ ଫରାସୀ ବିପ୍ଳବ ସାରା ବିଶ୍ୱର ଶାସନ ବ୍ୟବସ୍ଥାକୁ ଦୋହଲାଇ ଦେଲା। ୧୭୯୨ ମସିହା ବେଳକୁ ଇଉରୋପରେ ରାଜତନ୍ତ୍ର ଭୁଶୁଡ଼ିବା ଆରମ୍ଭ କଲା ଏବଂ ଗଣତନ୍ତ୍ରର ନୂତନ ସୂର୍ଯ୍ୟୋଦୟ ଘଟିଲା। ଆଜି ବିଶ୍ୱର ପ୍ରାୟ ସବୁଆଡ଼େ ଗଣତନ୍ତ୍ର ହିଁ ଶାସନର ମୁଖ୍ୟ ଆଧାର ସାଜିଛି। ଏହି ବିବର୍ତ୍ତନ ପ୍ରମାଣ କରେ ଯେ, ଜନସାଧାରଣଙ୍କ ମତାଧିକାର ଏବଂ ସଚେତନତା ଆଗରେ ଯେତେ ବଡ଼ ଏକଛତ୍ରବାଦୀ ଶକ୍ତି ହେଲେ ମଧ୍ୟ ହାର ମାନିବାକୁ ବାଧ୍ୟ। ହଜାର ହଜାର ବର୍ଷର ପୁରାତନ ଶାସନ ବ୍ୟବସ୍ଥାକୁ କିଏ ବଦଳାଇଲା ? କିଏ ସେହି ଶକ୍ତି, ଯିଏ ରାଜତନ୍ତ୍ରର ବିଶାଳ କାୟାକୁ ଧୂଳିସାତ୍ କରିଦେଲା ? ତାହାର ଏକମାତ୍ର ଉତ୍ତର ହେଉଛି- 'ଗଦ୍ୟ'। ଗ୍ରୀକ୍ ଇତିହାସର ଗଣତନ୍ତ୍ର କେବଳ ଏକ ସୂତାଖିଅ ସଦୃଶ ଥିଲା, ମାତ୍ର ଆଜିର ଆଧୁନିକ ଗଣତନ୍ତ୍ରର ଭିତ୍ତିଭୂମି ଗଢ଼ିଛି 'ନିରୋଳା ଗଦ୍ୟ'। ଫରାସୀ ବିପ୍ଳବର ମୂଳ ସୂତ୍ରଧର ଥିଲା ଏହି ଗଦ୍ୟର ବଜ୍ରନାଦ। ରୁଷୋ, ଭଲ୍‌ଟାୟାର୍, ମଣ୍ଟେସ୍କ ଏବଂ ଜନ୍ ଲକ୍‌ଙ୍କ ଭଳି ମହାନ ଗଦ୍ୟକାରମାନେ ସ୍ୱାଧୀନତା, ସମାନତା ଓ ଭ୍ରାତୃତ୍ୱର ଯେଉଁ ମଶାଲ ଜାଳିଥିଲେ, ସେଥିରେ ପଦ୍ୟର ଲାଳିତ୍ୟ ଅପେକ୍ଷା ଗଦ୍ୟର ପ୍ରଖରତା ଅଧିକ ଥିଲା। ସେମାନଙ୍କ ଲେଖା ବାହାରକୁ ବିଜୁଳି ପରି ଦିଶୁଥିଲେ ହେଁ ଅନ୍ତରରେ ଏକ ଅନ୍ତହୀନ ନିନାଦ ସୃଷ୍ଟି କରିଥିଲା, ଯାହାର ଫଳଶ୍ରୁତି ହେଉଛି ଆଜିର ବିଶ୍ୱ ଗଣତନ୍ତ୍ର। ଏବେ ପ୍ରଶ୍ନ ଉଠେ, ଗଦ୍ୟ ପ୍ରକୃତରେ କ'ଣ ? ଶାସ୍ତ୍ରୀୟ ଦୃଷ୍ଟିକୋଣରୁ ଦଣ୍ଡି କୁହନ୍ତି- "ଅପାଦଃ ପଦ ସନ୍ତାନଃ ଗଦ୍ୟମ୍"। ଅର୍ଥାତ୍, ଯେଉଁଠି ପଦର ସନ୍ତୁଳନ ବା ଛନ୍ଦ ନାହିଁ, ତାହାହିଁ ଗଦ୍ୟ। ବିଶ୍ୱନାଥ କବିରାଜଙ୍କ ଭାଷ୍ୟ ଅନୁସାରେ, ସମାସ ଓ ବୃତ୍ତରହିତ କଥନ ହିଁ ଗଦ୍ୟ। ଅନେକେ ଗଦ୍ୟକୁ ନିରସ କିମ୍ବା କଳ୍ପନାହୀନ ବୋଲି କହିପାରନ୍ତି, କିନ୍ତୁ ଗଣତନ୍ତ୍ରର ପରିପ୍ରେକ୍ଷୀରେ ଗଦ୍ୟର ସଂଜ୍ଞା ସମ୍ପୂର୍ଣ୍ଣ ଭିନ୍ନ। ଗଦ୍ୟ ହେଉଛି ମଣିଷର ସ୍ୱାଭାବିକ ଅଭିବ୍ୟକ୍ତି। ପଦ୍ୟକୁ ତିଆରି କରିବାକୁ ପଡ଼େ, ଭାଷାକୁ ଛନ୍ଦବଦ୍ଧ ଓ ତୀର୍ଯ୍ୟକ କରିବାକୁ ସାଧନା ଲୋଡ଼ା ହୁଏ। କିନ୍ତୁ ଗଦ୍ୟ ହେଉଛି ଜଣେ ସାଧାରଣ ମଣିଷର ମନର ଭାଷା ଓ ତା'ର ସହଜ ଉଚ୍ଚାରଣ।

# ନିର୍ବାଚନରେ ମହିଳା ଶକ୍ତି: ମତଦାନର ବଦଳୁଥିବା ଚିତ୍ର

ମନୋରଞ୍ଜନ ରଣସିଂହ

ମହିଳା ସଶକ୍ତିକରଣର ଡିଣ୍ଡିମ ପିଟୁଥିବା ଭାରତ ପାଇଁ ବିଶ୍ୱସ୍ତରୀୟ ମହିଳା ପ୍ରତିନିଧିତ୍ୱ ତାଲିକା ଏକ ଅପ୍ରିୟ ସତ୍ୟ ପରି ସାମ୍ନାକୁ ଆସିଛି। ୧୪୯ତମ ସ୍ଥାନରେ ରହି ଭାରତ ଆଜି ପ୍ରତିନିଧିତ୍ୱ ମାମଲାରେ ପଡ଼ୋଶୀ ପାକିସ୍ତାନଠାରୁ ମଧ୍ୟ ପଛରେ ପଡ଼ିବା ନିଶ୍ଚିତ ଭାବେ ଏକ ଚିନ୍ତାର ବିଷୟ। ଏହି ଲଜ୍ଜାଜନକ ସ୍ଥିତିରୁ ମୁକ୍ତି ପାଇଁ 'ମହିଳା ଆରକ୍ଷଣ' ଏକ ଅମୋଘ ଅସ୍ତ୍ର ସଦୃଶ ହୋଇଥିବାବେଳେ, ଏହାର କାର୍ଯ୍ୟକାରିତାକୁ ନେଇ ସୃଷ୍ଟି ହୋଇଥିବା ଆଇନଗତ ଜଟିଳତା ଏବେ ବିତର୍କର କେନ୍ଦ୍ରବିନ୍ଦୁ ସାଜିଛି।

ବିଶେଷଜ୍ଞଙ୍କ ମତରେ, ଯଦି ସରକାର ୨୦୨୭ ଜନଗଣନା ଏବଂ ତା' ପରବର୍ତ୍ତୀ 'ଡିଲିମିଟେସନ୍' ବା ସୀମା ନିର୍ଦ୍ଧାରଣ ପ୍ରକ୍ରିୟା ଶେଷ ହେବା ଯାଏଁ ଅପେକ୍ଷା କରନ୍ତି, ତେବେ ୨୦୩୧ ପୂର୍ବରୁ ମହିଳାମାନଙ୍କୁ ସଂସଦରେ ସେମାନଙ୍କ ହକ୍ ମିଳିବା ସମ୍ଭବ ନୁହେଁ। ଏଭଳି ସ୍ଥିତିରେ ଦେଶର ଅଧା ଜନସଂଖ୍ୟାଙ୍କୁ ଆଉ ଦଶନ୍ଧିଏ ଅପେକ୍ଷା କରାଇବା ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ। ଏହି ସମସ୍ୟାର ସମାଧାନ ପାଇଁ ସରକାର ଏବେ ଏକ ବଡ଼ ପଦକ୍ଷେପ ନେବାକୁ ଯାଉଛନ୍ତି। ଲୋକସଭା ଆସନ ସଂଖ୍ୟାରେ ସିଧାସଳଖ ୫୦ ଶତାଂଶ ବୃଦ୍ଧି ଘଟାଇବାକୁ ଯେଉଁ ଯୋଜନା ପ୍ରସ୍ତୁତ ଚାଲିଛି, ତାହା ପ୍ରତିନିଧିତ୍ୱର ସନ୍ତୁଳନ ରକ୍ଷା କରିବାରେ ସହାୟକ ହୋଇପାରେ। କେବଳ ସଂଖ୍ୟା ବୃଦ୍ଧି ନୁହେଁ, ବରଂ ମହିଳାମାନଙ୍କୁ ନୀତି ନିର୍ଦ୍ଧାରଣ ପ୍ରକ୍ରିୟାରେ ସିଧାସଳଖ ସାମିଲ କରିବା ପାଇଁ ଏହା ଏକ ଦୃଢ଼ ରାଜନୈତିକ ଇଚ୍ଛାଶକ୍ତିର ପରିଚୟ ଦେବ। ସମୟ ଆସିଛି, କେବଳ ଆଇନର ଗଳାବାଟ ନଖୋଜି ପ୍ରକୃତ ସଂସ୍କାର ମାଧ୍ୟମରେ ଭାରତୀୟ ଗଣତନ୍ତ୍ରକୁ ଅଧିକ ସମାବେଶୀ କରାଯାଉ।

ଭାରତୀୟ ସଂସଦୀୟ ଇତିହାସରେ ଏକ ନୂତନ ଅଧ୍ୟାୟ ଯୋଡ଼ିବାକୁ ଯାଉଛନ୍ତି କେନ୍ଦ୍ର ସରକାର। ୨୦୨୯ ସାଧାରଣ ନିର୍ବାଚନ ପରେ ଗଠିତ ହେବାକୁ ଥିବା ଲୋକସଭା କେବଳ ନୂତନ ଚେହେରା ନୁହେଁ, ବରଂ ଏକ ଭିନ୍ନ ରଙ୍ଗ ଓ ରୂପରେ ନଜର ଆସିବ। ମହିଳାମାନଙ୍କ ପ୍ରତିନିଧିତ୍ୱକୁ ଗୁରୁତ୍ୱ ଦେଇ ସଂସଦକୁ ଏକ 'ଗୋଲାପି ସଭା'ରେ ପରିଣତ କରିବା ପାଇଁ ସରକାର ଏବେଠାରୁ ରଣନୀତି ପ୍ରସ୍ତୁତ କରିଛନ୍ତି। ଏଥିପାଇଁ ଚଳିତ ଅଧିବେଶନରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ବିଲ୍ ଉପସ୍ଥାପିତ ହେବାକୁ ଯାଉଛି, ଯାହା ମହିଳା ଆରକ୍ଷଣର ପଥକୁ ପ୍ରଶସ୍ତ କରିବ। ୨୦୨୩ରେ ପାରିତ ହୋଇଥିବା 'ନାରୀଶକ୍ତି ବନ୍ଦନ ଆକ୍ଟ' ଅନୁଯାୟୀ, ମହିଳାମାନଙ୍କ ପାଇଁ ଏକ-ତୃତୀୟାଂଶ ସ୍ଥାନ ଆରକ୍ଷଣ ପ୍ରକ୍ରିୟା ୨୦୨୭ ଜନଗଣନା ଏବଂ ତତ୍ ?ପରବର୍ତ୍ତୀ 'ଡିଲିମିଟେସନ୍' ବା ସୀମା ପୁନର୍ନିର୍ଦ୍ଧାରଣ ସହିତ ଜଡ଼ିତ। କିନ୍ତୁ ଏହି ସମୟସାପେକ୍ଷ ପ୍ରକ୍ରିୟା ଯୋଗୁଁ ୨୦୨୯ ନିର୍ବାଚନ ପୂର୍ବରୁ ଆରକ୍ଷଣ ଲାଗୁ ହେବା ନେଇ ଆଶଙ୍କା ଦେଖାଦେଇଥିଲା। ଏହି ବାଧାକୁ ଦୂର କରିବା ପାଇଁ ସରକାର ଏବେ ଡିଲିମିଟେସନ୍ ସହିତ ଆରକ୍ଷଣର ସମ୍ପର୍କ ଛିନ୍ନ କରିବାକୁ ବିଚାର କରୁଛନ୍ତି। ସମ୍ବିଧାନରେ ଆବଶ୍ୟକ ସଂଶୋଧନ ଆଣି ସରକାର ଏହି ପ୍ରତିବନ୍ଧକକୁ ହଟାଇବାକୁ ଲକ୍ଷ୍ୟ ରଖିଛନ୍ତି।

ଯଦି ସରକାରଙ୍କ ଏହି ଯୋଜନା ସଫଳ ହୁଏ, ତେବେ ଲୋକସଭାର କଳେବର ସମ୍ପୂର୍ଣ୍ଣ ବଦଳିଯିବ। ବର୍ତ୍ତମାନର ୫୪୩ ଆସନରେ ସିଧାସଳଖ ୫୦ ଶତାଂଶ ବୃଦ୍ଧି ଘଟାଇ ଆଉ ୨୭୩ଟି ନୂଆ ଆସନ ଯୋଗ କରାଯିବ। ଫଳରେ ନୂତନ ଲୋକସଭାର ମୋଟ ଆସନ ସଂଖ୍ୟା ୮୧୬ରେ ପହଞ୍ଚିବ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ବୃଦ୍ଧି ହେବାକୁ ଥିବା ଏହି ୨୭୩ଟି ଯାକ ଆସନ ମହିଳାମାନଙ୍କ ପାଇଁ ସଂରକ୍ଷିତ ରହିବ। ଏହାଦ୍ୱାରା ସଂସଦରେ ମହିଳାଙ୍କ ଉପସ୍ଥିତି ଏକ-ତୃତୀୟାଂଶ ନିଶ୍ଚିତ ହେବ। ମହିଳାମାନଙ୍କୁ ସଂସଦର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ଏହା ଏକ ଦୃଢ଼ ପଦକ୍ଷେପ। ଯଦିଓ ଏହାକୁ ନେଇ କିଛି 'ମଧୁର ପରିହାସ' ଶୁଣିବାକୁ ମିଳୁଛି, ତଥାପି ଗଣତନ୍ତ୍ରରେ ଲିଙ୍ଗଗତ ସମାନତା ଆଣିବା ପାଇଁ ଏହି 'ଗୋଲାପି ବିପ୍ଳବ' ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ, ଏଥିରେ ସନ୍ଦେହ ନାହିଁ। ରାଜନୈତିକ ଦୃଷ୍ଟିକୋଣରୁ ଦେଖିଲେ, ସରକାରଙ୍କ ଏହି ପଦକ୍ଷେପ ଏକ ଅତ୍ୟନ୍ତ ଚତୁର ଏବଂ ରଣନୈତିକ ଉଦ୍ୟମ। ଏହା କେବଳ ମହିଳା ଆରକ୍ଷଣ ପ୍ରତି ଶାସକ ଦଳର ପ୍ରତିବଦ୍ଧତାକୁ ପ୍ରମାଣିତ କରୁନାହିଁ, ବରଂ ବର୍ତ୍ତମାନର ରାଜନୈତିକ ସନ୍ତୁଳନକୁ ମଧ୍ୟ ଅକ୍ଷୁଣ୍ଣ ରଖୁଛି। ଏହି ଯୋଜନାର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି, ଏହାଦ୍ୱାରା ସକ୍ରିୟ ଥିବା କୌଣସି ପୁରୁଷ ନେତାଙ୍କ ସ୍ୱାର୍ଥ ବ୍ୟାହତ ହେବାର ଭୟ ନାହିଁ। କାରଣ ବର୍ତ୍ତମାନର ଲୋକସଭା ଆସନଗୁଡ଼ିକରେ ମହିଳାମାନଙ୍କୁ ଭାଗ ନ ଦେଇ, ବରଂ ଯେତିକି ଅତିରିକ୍ତ ଆସନ ସୃଷ୍ଟି ହେବ, ସେତିକିଟିକୁ ହିଁ ସେମାନଙ୍କ ପାଇଁ ସଂରକ୍ଷିତ ରଖିବାକୁ ଯୋଜନା କରାଯାଇଛି। ଅର୍ଥାତ୍, ପୁରୁଷ ସାଂସଦମାନଙ୍କ ପାଇଁ ଉଦ୍ଦିଷ୍ଟ ଆସନ ସଂଖ୍ୟା ଅପରିବର୍ତ୍ତିତ ରହିବ। କିନ୍ତୁ ଏହି ଉଚ୍ଚାଭିଳାଷୀ ଯୋଜନା ସତ୍ତ୍ୱେ, ସଂସଦରେ ସାଂସଦମାନଙ୍କ ଆଭିମୁଖ୍ୟ କିଭଳି ରହିବ, ସେ ନେଇ ଏବେ ବି ଅନିଶ୍ଚିତତା ଲାଗିରହିଛି। ଏଭଳି ଏକ ବଡ଼ ପରିବର୍ତ୍ତନ ପାଇଁ ସମ୍ବିଧାନ ସଂଶୋଧନ ଅପରିହାର୍ଯ୍ୟ। ଏବଂ ସାମ୍ବିଧାନିକ ନିୟମ ଅନୁଯାୟୀ, ଏହି ବିଲ୍ ପାରିତ ହେବା ପାଇଁ ସଂସଦରେ ଅନ୍ୟୁନ ଦୁଇ-ତୃତୀୟାଂଶ ସଦସ୍ୟଙ୍କ ସମର୍ଥନ ଆବଶ୍ୟକ। ଏଭଳି ସ୍ଥିତିରେ କେବଳ ସଂଖ୍ୟାଗରିଷ୍ଠତା ବଳରେ ସରକାର ଏହାକୁ ସଫଳ କରିପାରିବେ ନାହିଁ; ଏଥିପାଇଁ ବିରୋଧୀ ଦଳଗୁଡ଼ିକର ସହଯୋଗ ଓ ସମ୍ମତି ଏକାନ୍ତ ଅପରିହାର୍ଯ୍ୟ।

ଶେଷରେ, ଏହି 'ଗୋଲାପି ସଭା'ର ସ୍ୱପ୍ନ କେବଳ ଏକ ରାଜନୈତିକ ଚାଲ୍‌ରେ ସୀମିତ ରହିବ ନା ନାରୀଶକ୍ତିର ପ୍ରକୃତ ସଶକ୍ତିକରଣର ବାର୍ତ୍ତା ବହନ କରିବ, ତାହା ବିରୋଧୀଙ୍କ ଆଭିମୁଖ୍ୟ ଏବଂ ସରକାରଙ୍କ ଆପୋଷ ବୁଝାମଣା ଉପରେ ହିଁ ନିର୍ଭର କରେ। ଭାରତୀୟ ରାଜନୈତିକ ପରିସରରେ ମହିଳା ଆରକ୍ଷଣ ପ୍ରସଙ୍ଗ ଏକ ଦୀର୍ଘ ଓ ଜଟିଳ ସଂଘର୍ଷର କାହାଣୀ କହିଥାଏ। ଅତୀତର ଅନୁଭୂତିକୁ ଦେଖିଲେ ଜଣାପଡ଼େ ଯେ, ଏହି ପ୍ରସଙ୍ଗ ପ୍ରତି ଏକ ଶକ୍ତିଶାଳୀ ବିରୋଧର ଅନ୍ତଃସ୍ରୋତ ସର୍ବଦା ପ୍ରବାହିତ ହୋଇଆସିଛି। ୧୯୯୬ ମସିହାରେ ଦେବେଗୌଡ଼ା ସରକାରଙ୍କ ସମୟରେ ପ୍ରଥମ କରି ଏହି ପ୍ରସ୍ତାବ ଆଗତ ହେବା ପରଠାରୁ ୧୯୯୮, ୧୯୯୯, ୨୦୦୨, ୨୦୦୩ ଏବଂ ୨୦୦୮ ମସିହାରେ ଏହାକୁ ପାରିତ କରିବା ପାଇଁ ହୋଇଥିବା ସମସ୍ତ ଉଦ୍ୟମ ନିଷ୍ଫଳ ହୋଇଥିଲା। ବିଶେଷ କରି 'ଅନ୍ୟାନ୍ୟ ପଛୁଆବର୍ଗ' ବା 'ଓବିସି' ନେତାମାନଙ୍କର ତୀବ୍ର ବିରୋଧ ଏହି ପଥରେ ମୁଖ୍ୟ ପ୍ରତିବନ୍ଧକ ସାଜିଥିଲା। ଯଦିଓ ୨୦୧୦ରେ ଏହା ପାରିତ ହୋଇଥିଲା, କିନ୍ତୁ ତାହା କେବଳ ରାଜ୍ୟସଭାରେ ହିଁ ସୀମିତ ରହିଯାଇଥିଲା।

ତେବେ ସମୟ ବଦଳିଛି। ନିକଟ ଅତୀତରେ ଭାରତୀୟ ରାଜନୈତିକ ଦୃଶ୍ୟପଟରେ ନାରୀଶକ୍ତିର ପ୍ରଭାବ ଏବେ ଅଧିକରୁ ଅଧିକ ଅନୁଭୂତ ହେବାରେ ଲାଗିଛି। ମହିଳା ଭୋଟରଙ୍କ ନିର୍ଣ୍ଣାୟକ ଭୂମିକାକୁ ଦୃଷ୍ଟିରେ ରଖି ବର୍ତ୍ତମାନ କୌଣସି ବି ରାଜନୈତିକ ଦଳ ମହିଳା ଆରକ୍ଷଣ ଉଦ୍ୟମକୁ ଖୋଲାଖୋଲି ବିରୋଧ କରିବାକୁ ସାହସ କରିନପାରନ୍ତି। ନାରୀଶକ୍ତିର ଏହି ବଢୁଥିବା ଦାବି ଏବଂ ପ୍ରଭାବ ଆଗରେ ଏବେ ରାଜନେତାମାନେ ପଛଘୁଞ୍ଚା ଦେବାକୁ ବାଧ୍ୟ ହୋଇପାରନ୍ତି, ଯାହା ଆଗାମୀ 'ଗୋଲାପି ସଭା' ଗଠନ ଦିଗରେ ଏକ ଶୁଭ ସଂକେତ। ନିର୍ବାଚନରେ ମତଦାନ ହେଉଛି ଗଣତନ୍ତ୍ରର ମୂଳଭିତ୍ତି, କିନ୍ତୁ ଏବେ ଏହି ମୌଳିକ ଗଣତାନ୍ତ୍ରିକ କସରତରେ ଏକ ବଡ଼ ପରିବର୍ତ୍ତନ ପରିଲକ୍ଷିତ ହେଉଛି। ପୁରୁଷମାନଙ୍କ ଅପେକ୍ଷା ମହିଳାମାନେ ଅଧିକ ଉତ୍ସାହର ସହିତ ନିଜର ମତାଧିକାର ସାବ୍ୟସ୍ତ କରୁଥିବା ଦେଖିବାକୁ ମିଳୁଛି। ବିଶେଷ କରି ୨୦୧୯ ଏବଂ ୨୦୨୪ ସାଧାରଣ ନିର୍ବାଚନରେ ମହିଳାମାନେ ପୁରୁଷଙ୍କ ଅପେକ୍ଷା କିଞ୍ଚିତ ଅଧିକ ସଂଖ୍ୟାରେ ମତଦାନ କରି ଏକ ନୂଆ ରେକର୍ଡ ସୃଷ୍ଟି କରିଛନ୍ତି।

ଏହାର ସବୁଠାରୁ ବଡ଼ ପ୍ରମାଣ ୨୦୨୫ର ବିହାର ବିଧାନସଭା ନିର୍ବାଚନରେ ଦେଖିବାକୁ ମିଳିଥିଲା। ସେଠାରେ ମହିଳା ମତଦାତାମାନେ ପୁରୁଷମାନଙ୍କୁ ବହୁ ପଛରେ ପକାଇ ଦେଇଥିଲେ, ଯାହା ନୀତୀଶ କୁମାରଙ୍କ ନେତୃତ୍ୱରେ 'ଏନ୍‌ଡିଏ'ର ବିପୁଳ ବିଜୟର ମୁଖ୍ୟ କାରଣ ସାଜିଥିଲା। ପରିସଂଖ୍ୟାନ ଅନୁଯାୟୀ, ବିହାରରେ ୭୧.୬ ଶତାଂଶ ମହିଳା ମତଦାନ କରିଥିବା ବେଳେ, ମାତ୍ର ୬୨.୮ ଶତାଂଶ ପୁରୁଷ ମତଦାନ କେନ୍ଦ୍ରକୁ ଆସିବାର କଷ୍ଟ ସ୍ୱୀକାର କରିଥିଲେ। ମହିଳାମାନଙ୍କର ଏହି ନିର୍ଣ୍ଣାୟକ ଭାଗିଦାରୀ କେବଳ ସେମାନଙ୍କ ସଚେତନତାକୁ ଦର୍ଶାଉନାହିଁ, ବରଂ ରାଜନୈତିକ ଦଳଗୁଡ଼ିକ ପାଇଁ ସେମାନଙ୍କ ଗୁରୁତ୍ୱକୁ ମଧ୍ୟ ବହୁଗୁଣିତ କରିଛି। ଏହି ବଢୁଥିବା ମହିଳା ଭୋଟ୍ ବ୍ୟାଙ୍କ ହିଁ ଆଜି 'ମହିଳା ଆରକ୍ଷଣ' ଭଳି ବଡ଼ ନିଷ୍ପତ୍ତି ନେବା ପାଇଁ ସରକାରଙ୍କୁ ବାଧ୍ୟ କରୁଛି।

ମତଦାନ ତଥା ବୃହତ୍ତର ରାଜନୀତିରେ ମହିଳାମାନଙ୍କ ବଢୁଥିବା ଉତ୍ସାହ ଏବେ ଦେଶର ସବୁଠାରୁ ଚର୍ଚ୍ଚିତ ରାଜନୈତିକ ପ୍ରସଙ୍ଗ। କ୍ଷମତାସୀନ ଦଳ ହେଉ କିମ୍ବା ବିରୋଧୀ, ସମସ୍ତେ ଏହି ବିଶାଳ ମହିଳା ଭୋଟ୍ ? ବ୍ୟାଙ୍କକୁ ଆକୃଷ୍ଟ କରିବା ପାଇଁ ବିଭିନ୍ନ ଲୋଭନୀୟ ସୁବିଧା ସୁଯୋଗ ଓ ପ୍ରତିଶ୍ରୁତିର ବନ୍ୟା ଛୁଟାଇବାରେ ବ୍ୟାପୃତ। କିନ୍ତୁ ଏହି ତୁଷ୍ଟୀକରଣ ରଣନୀତି ସତ୍ତ୍ୱେ, ନୀତି ନିର୍ଦ୍ଧାରଣ କ୍ଷେତ୍ରରେ ଅର୍ଥାତ୍ ଲୋକସଭାରେ ମହିଳା ସାଂସଦମାନଙ୍କ ଉପସ୍ଥିତି ଏବେ ବି ଅତି ନଗଣ୍ୟ।

ପରିସଂଖ୍ୟାନକୁ ଦେଖିଲେ ଏହା ସ୍ପଷ୍ଟ ହୋଇଯାଏ। ୧୯୫୧-୫୨ର ପ୍ରଥମ ଲୋକସଭାରେ ମହିଳା ପ୍ରତିନିଧିତ୍ୱ ମାତ୍ର ୪.୫ ଶତାଂଶ ଥିବାବେଳେ, ସାତ ଦଶନ୍ଧି ପରେ ଅଷ୍ଟାଦଶ ଲୋକସଭାରେ ଏହା ମାତ୍ର ୧୩.୬ ଶତାଂଶରେ ପହଞ୍ଚିଛି। ବିଶ୍ୱର ହାରାହାରି ମହିଳା ପ୍ରତିନିଧିତ୍ୱ ୨୭.୫ ଶତାଂଶ ଥିବାବେଳେ, ଭାରତ ଏହି ତାଲିକାରେ ୧୪୯ତମ ସ୍ଥାନରେ ରହିବା ନିଶ୍ଚିତ ଭାବେ ଲଜ୍ଜାଜନକ। ଏପରିକି ଆମେ ପଡ଼ୋଶୀ ପାକିସ୍ତାନଠାରୁ ମଧ୍ୟ ଏହି ମାମଲାରେ ଯଥେଷ୍ଟ ପଛରେ ରହିଛୁ।

ଜାତୀୟ ଚେତନା
JATIYA CHETANA



# ଜେଲ୍ ଗଲେ କୋଟିପତି ଏସ୍‌ଡିଓ: ଆୟଠାରୁ ୩୩୪% ଅଧିକ ସମ୍ପତ୍ତି ଠାବ

ଭୁବନେଶ୍ୱର,(ଜା.ପ୍ର): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଜଳସେଚନ ଡିଭିଜନର ଡହ ଜଳସେଚନ ସବ୍-ଡିଭିଜନର ଏସ୍‌ଡିଓ ପଞ୍ଚୁ ବେହେରାଙ୍କୁ ଶୁକ୍ରବାର ଭିଜିଲାନ୍ସ ଗିରଫ କରିଛି। ଗିରଫ ପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବାବେଳେ ପରେ ତାଙ୍କୁ ବ୍ରହ୍ମପୁର ଜେଲକୁ ପଠାଇ ଦିଆଯାଇଛି। ଗୁରୁବାର ତାଙ୍କର ଭଞ୍ଜନଗର ସ୍ଥିତ ସରକାରୀ ବାସଭବନ ଓ ବ୍ରହ୍ମପୁର ସ୍ଥିତ ବାସଭବନ ସମେତ ମୋଟ ୫ଟି ସ୍ଥାନରେ ଚଢ଼ଉ କରିଥିଲା ଭିଜିଲାନ୍ସ। ଚଢ଼ଉ ବେଳେ ତାଙ୍କର ଯେଉଁ ସମ୍ପତ୍ତି ଠାବ କରାଯାଇଛି, ତା'ର ପରିମାଣ ତାଙ୍କ ଆୟଠାରୁ ୩୩୪% ଅଧିକ। ଚଢ଼ାଉ ବେଳେ ଏସ୍‌ଡିଓ ଶ୍ରୀ ବେହେରାଙ୍କ ବ୍ରହ୍ମପୁର ସ୍ଥିତ ବାସଭବନରୁ ନଗଦ ୧୫ ଲକ୍ଷ ୧୩ ହଜାର ଟଙ୍କା ଜବତ କରାଯାଇଛି। ସେହିପରି ଭଞ୍ଜନଗର ସ୍ଥିତ ତାଙ୍କ ସରକାରୀ ବାସଭବନରୁ ୩ ଲକ୍ଷ ୭୨ ହଜାର ୮୦୦ ଟଙ୍କା ଜବତ କରାଯାଇଛି। ଏହିପରି ମୋଟ ୧୮ ଲକ୍ଷ ୯୦ ହଜାର ୮୦୦ ଟଙ୍କାର ନଗଦ ଜବତ କରାଯାଇଛି। ବ୍ରହ୍ମପୁରର ବସନ୍ତ ବିହାରରେ ଥିବା ତାଙ୍କ ଘରଟି ୩ ମହଲା ବିଶିଷ୍ଟ। ଏହା ସହିତ ବ୍ରହ୍ମପୁର ସହର ଓ ଏହା ଆଖପାଖରେ ତାଙ୍କର ୫ଟି ଦାମୀ ପ୍ଲଟ୍ ରହିଛି। ଏସ୍‌ଡିଓ ଶ୍ରୀ ବେହେରାଙ୍କର ଗୋଟିଏ କଂକ୍ରିଟ୍ ମିକ୍ସଚର ମେସିନ୍ ଅଛି। ୨୦୨୪ ମସିହାରେ ସେ ଏହାକୁ ୫୭ ଲକ୍ଷ ଟଙ୍କାରେ କିଣି ଥିଲେ। ସେହିପରି ୨୦୨୫ରେ ସେ ଗୋଟିଏ ଜେସିବି ମେସିନ୍ କିଣିଥିଲେ। ସେ ଏହାକୁ ୩୭ ଲକ୍ଷ ଟଙ୍କାରେ କିଣିଥିଲେ। ଏହି କୋଟିପତି ବାବୁଙ୍କର ଗୋଟିଏ କାର ଓ ୩ଟି ଦୁଇ ଚକିଆ ଗାଡ଼ି ଅଛି। ଏହାବାଦ୍ ବାବୁଙ୍କ ଘରୁ ୫୬୮ ଗ୍ରାମ ସୁନା ଅଳଙ୍କାର ଓ ୧୭୮ ଗ୍ରାମର ସୁନା କଏନ ଜବତ କରାଯାଇଛି। ବ୍ୟାଙ୍କ, ଡାକଘର ଓ ବୀମା ବାବଦକୁ ସେ ପ୍ରାୟ ୯୦ ଲକ୍ଷ ଟଙ୍କା ଜମା କରିଛନ୍ତି। ତାଙ୍କ ଘରେ ୮.୫୭ ଲକ୍ଷ ଟଙ୍କାର ଆସବାବପତ୍ର ଓ ଘରକରଣା ଜିନିଷ ରହିଛି। ଏସ୍‌ଡିଓ ଶ୍ରୀ ବେହେରା ୧୫ ବର୍ଷରେ ସରକାରୀ ଚାକିରି ଭିତରେ ଏତେ ସଂପତ୍ତି କେମିତି ଠୁଳ କଲେ, ତା'ର ସନ୍ତୋଷଜନକ ଉତ୍ତର ସେ ଦେଇପାରି ନଥିଲେ। ଏହା ପରେ ଭିଜିଲାନ୍ସ ପକ୍ଷରୁ ତାଙ୍କୁ ଗିରଫ କରାଯାଇଛି। ଏହି ଘଟଣାରେ ଭିଜିଲାନ୍ସ ପକ୍ଷରୁ ବ୍ରହ୍ମପୁର ଭିଜିଲାନ୍ସ ଥାନାରେ ଶ୍ରୀ ବେହେରାଙ୍କ ବିରୋଧରେ କେସ୍ ନଂ ୦୩/୨୦୨୬ ରେ ,କ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ କରାଯାଉଛି।

# ଏପ୍ରିଲ ୮ରୁ ବାହାର ରତ୍ନଭଣ୍ଡାର ଗଣତି

ଭୁବନେଶ୍ୱର,(ଜା.ପ୍ର): ଶ୍ରୀମନ୍ଦିର ରତ୍ନଭଣ୍ଡାର ଦ୍ୱିତୀୟ ପର୍ଯ୍ୟାୟ ଗଣତିମଣତିକୁ ନେଇ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଶନିବାର ସୂଚନା ଦେଇଛନ୍ତି। ତାଙ୍କ ସୂଚନା ଅନୁଯାୟୀ ଏପ୍ରିଲ୍ ୮, ୯ ଏବଂ ୧୦ ତାରିଖରେ ବାହାର ରତ୍ନଭଣ୍ଡାର ଗଣତି ହେବ। ଏ ସମୟରେ ମହାପ୍ରଭୁଙ୍କ ଦର୍ଶନ କିମ୍ବା ଠାକୁରଙ୍କ ନୀତିକାନ୍ତି ବାଧାପ୍ରାପ୍ତ ନହେବା ତାହା ଉପରେ ଗୁରୁତ୍ୱ ଦିଆଯିବ ବୋଲି ସେ କହିଥିଲେ। ସେ କହିଛନ୍ତି ଯେ, ଗତ ୨୫ ତାରିଖରେ ମହାପ୍ରଭୁଙ୍କ ରତ୍ନଭଣ୍ଡାର ଗଣତିମଣତି ହୋଇଥିଲା । ପ୍ରଥମ ପର୍ଯ୍ୟାୟ ଗଣତି ସୁରୁଖୁରରେ ସରିଥିବା ବେଳେ ଏବେ ୨ୟ ପର୍ଯ୍ୟାୟ ଗଣତି ମଣତି ହେବ। ଏପ୍ରିଲ ମାସରେ ତିନି ଦିନ ଧରି ବାହାର ରତ୍ନଭଣ୍ଡାରରେ ଗଣତି ମଣତି କରାଯିବ। ସେଥିପାଇଁ ତାରିଖ ମଧ୍ୟ ଧାର୍ଯ୍ୟ କରାଯାଇଛି। ଯଥାକ୍ରମେ ଏପ୍ରିଲ ମାସର ୮, ୯ ଏବଂ ୧୦ ତାରିଖକୁ ଚୟନ କରାଯାଇଛି। ଏହି ଗଣତି ମଣତି ଦିନ ଯେପରି ମହାପ୍ରଭୁଙ୍କ ଦର୍ଶନ କିମ୍ବା ଠାକୁରଙ୍କ ନୀତିକାନ୍ତି କୌଣସି ପରିସ୍ଥିତିରେ ବାଧାପ୍ରାପ୍ତ ନହେବ, ସେନେଇ ଆଲୋଚନା ସରିଛି। ସମସ୍ତ ପ୍ରକାରର ପ୍ରସ୍ତୁତି ମଧ୍ୟ ଚାଲିଛି। ଆଶା କରାଯାଉଛି ସବୁ କାମ ଠିକଣା ସମୟରେ ସରିଯିବ। ସେହିପରି ରଥଯାତ୍ରା ପାଇଁ ୬ ମାସ ଆଗରୁ ବୈଠକ ଚାଲିଛି। ଏହାରି ଭିତରେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ବାରମ୍ବାର ବୈଠକ ବସୁଛି। ରଥଦାଣ୍ଡକୁ ଯେପରି ଅଧିକ ଗାଡ଼ି ପ୍ରବେଶ ନକରିବ, ତା ଉପରେ ଗୁରୁତ୍ୱ ଦିଆଯାଉଛି। ରଥଦାଣ୍ଡକୁ ସଂଲଗ୍ନ ରାସ୍ତା ଗୁଡ଼ିକର ପ୍ରସସ୍ତିକରଣ କରାଯିବା ସହ ଡିକଂଜକ୍ସନ ଉପରେ ଗୁରୁତ୍ୱ ଦିଆଯାଉଛି ବୋଲି ଆଇନ ମନ୍ତ୍ରୀ ପୃଥୀରାଜ ହରିଚନ୍ଦନ କହିଛନ୍ତି।

# ସରିଲା +୨ ପରୀକ୍ଷା: ଏପ୍ରିଲ ୨ରୁ ଆରମ୍ଭ ହେବ ଖାତାଦେଖା

ଭୁବନେଶ୍ୱର,(ଜା.ପ୍ର): ସିଏଚ୍‌ଏସ୍‌ଇ ପରିଚାଳିତ +୨ ବର୍ଗର ସମସ୍ତ ପରୀକ୍ଷା ଶନିବାର ଶେଷ ହୋଇଛି। ତେବେ ଆସନ୍ତା ୪୦ରୁ ୪୫ ଦିନ ଭିତରେ ରେଜଲ୍ଟ ପ୍ରକାଶ ପାଇବ ବୋଲି ପରୀକ୍ଷା ନିୟନ୍ତ୍ରକ ପ୍ରଶାନ୍ତ କୁମାର ପରିଡ଼ା କହିଛନ୍ତି। କଳା, ବିଜ୍ଞାନ, ବାଣିଜ୍ୟ ଏବଂ ଧନ୍ଦାମୂଳକରେ ୪ଲକ୍ଷରୁ ଊର୍ଦ୍ଧ୍ୱ ପିଲା ପରୀକ୍ଷା ଦେଇଥିବାବେଳେ ୫ ହଜାର ପିଲା ଅନୁପସ୍ଥିତ ଥିଲେ। ଏପ୍ରିଲ ୨ରୁ ଯୁକ୍ତ ଦୁଇ ଖାତାଦେଖା ଆରମ୍ଭ ହେବ। ଖାତା ମୂଲ୍ୟାୟନ ପାଇଁ ୧୫୧ମୂଲ୍ୟାୟନ କେନ୍ଦ୍ର ସହିତ ୧୬ହଜାର ଅଧ୍ୟାପକ ନିୟୋଜିତ ହୋଇଛନ୍ତି । ସିଏଚ୍‌ଏସ୍‌ଇ ପରୀକ୍ଷା ନିୟନ୍ତ୍ରକ କହିଛନ୍ତି ଯେ, ବିଶେଷ କରି ଦୁଇଟି ପର୍ଯ୍ୟାୟରେ ଖାତା ଦେଖା ହେବ। ମୋଟ୍ ଆକାରରେ ଚଳିତ ବର୍ଷ ଯୁକ୍ତ ୨ରେ ୨୫ଲକ୍ଷ ଖାତା ମୂଲ୍ୟାୟନ ହେବ। ଏପ୍ରିଲ୍ ଶେଷ ସୁଦ୍ଧା ଖାତା ଦେଖା ଶେଷ ହେବା ସହ ମେ' ମାସରେ ପରୀକ୍ଷା ଫଳ ପ୍ରକାଶ ପାଇବାକୁ ଲକ୍ଷ୍ୟ ରଖାଯାଇଛି। ଯୁକ୍ତ ଦୁଇ ଖାତା ଉଭୟ ଅଫଲାଇନ ଓ ଅନଲାଇନରେ ଦେଖା ହେବ। ମୂଲ୍ୟାୟନ କେନ୍ଦ୍ରରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯି। ଅତ୍ୟଧିକ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଅଧ୍ୟାପକଙ୍କ ପାଇଁ ପାନୀୟ ଜଳଠୁ ଆରମ୍ଭ କରି ସମସ୍ତ ପ୍ରକାର ସୁବିଧା କରାଯିବ ବୋଲି କୁହାଯାଇଛି । ସୂଚନାଯୋଗ୍ୟ ଯେ ଫେବ୍ରୁଆରୀ ୧୮ରୁ ଆରମ୍ଭ ହୋଇଥିବା ପରୀକ୍ଷା ଆଜି ଅର୍ଥାତ୍ ମାର୍ଚ୍ଚ ୨୮ ତାରିଖରେ ଶେଷ ହୋଇଛି।

# ବିଧାୟକଙ୍କ ଦରମା ବଢ଼ିବନି : ବିଲ୍ ପ୍ରତ୍ୟାହାର ପାଇଁ ନୋଟିସ୍

ଭୁବନେଶ୍ୱର,(ଜା.ପ୍ର): ବଢ଼ିବନି ବିଧାୟକମାନଙ୍କ ଦରମା। କାରଣ ଦରମା ବୃଦ୍ଧି ବିଲ୍ ପ୍ରତ୍ୟାହାର ପାଇଁ ବିଧାନସଭାରେ ନୋଟିସ ଅଣାଯାଇଛି। ଗତ ଡିସେମ୍ବର ମାସରେ ବିଧାନସଭାରେ ଗୃହୀତ ବିଧାୟକ, ମନ୍ତ୍ରୀ, ବାଚସ୍ପତି ଓ ଉପବାଚସ୍ପତିଙ୍କ ଦରମା ଓ ପେନସନ୍ ବୃଦ୍ଧି ସମ୍ପର୍କିତ ୪ଟି ଗୁରୁତ୍ୱପୂର୍ଣ୍ଣ ସଂଶୋଧନ ବିଲ୍‌କୁ ପ୍ରତ୍ୟାହାର ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ ଏହି ବିଲ୍‌ଗୁଡ଼ିକ ପ୍ରତ୍ୟାହାର ପାଇଁ ଦେଇଥିବା ନୋଟିସ୍ ସମ୍ପର୍କରେ ବିଧାନସଭା ସଚିବ ସତ୍ୟବ୍ରତ ସାହୁ ଗୁରୁବାର ସମସ୍ତ ବିଧାୟକମାନଙ୍କୁ ସୂଚନା ଦେଇଛନ୍ତି। ସରକାର ଏହି ବିଲଗୁଡ଼ିକ ପ୍ରତ୍ୟାହାର ପାଇଁ ମୋସନ୍ ଆକାରରେ ପ୍ରସ୍ତାବ ଆଣି ତାକୁ ପାରିତ କରିବାର ସମ୍ଭାବନା ରହିଛି। ୨୦୨୫ ଡିସେମ୍ବରରେ ଶୀତକାଳୀନ ଅଧିବେଶନ ସମୟରେ ରାଜ୍ୟର ବିଜେପି ସରକାର ବିଧାୟକଙ୍କ ଦରମା, ଭତ୍ତା ଓ ପେନ୍‌ସନ୍ ସମେତ ମନ୍ତ୍ରୀ-ବାଚସ୍ପତିଙ୍କ ଦରମା ସଂକ୍ରାନ୍ତୀୟ ୪ଟି ବିଲ୍ ଗୃହରେ ପାରିତ କରାଇ ନେଇଥିଲେ। ଏହି ବିଲ୍‌କୁ ସେବେ ବିଜେପି, ବିଜେଡି ଓ କଂଗ୍ରେସ ବିଧାୟକମାନେ ସର୍ବସମ୍ମତିକ୍ରମେ ସମର୍ଥନ କରିଥିଲେ। ଦରମା ଓ ଆନୁସଙ୍ଗିକ ଭତ୍ତା ବାବଦକୁ ବିଧାୟକମାନେ ମାସିକ ୩ ଲକ୍ଷ ୪୫ ହଜାର ଟଙ୍କା ପାଇଥାନ୍ତେ। ସେହିପରି କ୍ୟାବିନେଟ୍ ମନ୍ତ୍ରୀ ଏବଂ ରାଷ୍ଟ୍ରମନ୍ତ୍ରୀଙ୍କୁ ମୂଳ ଦରମା ସହିତ ଭତ୍ତାକୁ ମିଶାଇ ୩ ଲକ୍ଷ ୬୦ ହଜାର ଟଙ୍କା ଏବଂ ମୁଖ୍ୟମନ୍ତ୍ରୀ ଦରମା ଓ ଅନ୍ୟ ଭତ୍ତା ମିଶାଇ ପ୍ରାୟ ୩ ଲକ୍ଷ ୭୪ ହଜାର ଟଙ୍କ ପାଇଥାନ୍ତେ। ତେବେ ୨୦୨୫ ଡିସେମ୍ବର ୧୦ତାରିଖରେ ଏହି ବିଲ୍ ପାରିତ ହେବାପରେ ରାଜ୍ୟବ୍ୟାପୀ ତୀବ୍ର ଜନଆକ୍ରୋଶ ଦେଖିବାକୁ ମିଳିଥିଲା। ସୋସିଆଲ୍ ମିଡିଆରେ ପ୍ରବଳ ସମାଲୋଚନା ହୋଇଥିଲା। ବିଜେଡି ସୁପ୍ରିମୋ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ନିଜେ ବର୍ଦ୍ଧିତ ଦରମା ନେବେ ନାହିଁ ବୋଲି ଡିସେମ୍ବର ୧୩ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖି ଜଣାଇବା ପରେ ରାଜ୍ୟ ରାଜନୀତିକୁ ଉଷ୍ମ ହୋଇଥିଲା। ଏହାର ସପ୍ତାହେ ନପୁରୁଣୁ ବିଜେପି ବିଧାୟକମାନେ ମଧ୍ୟ ବର୍ଦ୍ଧିତ ଦରମା ବିଲ୍ ପ୍ରତ୍ୟାହାର ପାଇଁ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଲିଖିତ ଭାବେ ଅନୁରୋଧ କରିଥିଲେ। ବିଜେପି ବିଧାୟକ ଦଳ ବୈଠକରେ ଏହି ନିଷ୍ପତ୍ତିର ପୁନଃବିଚାର ପାଇଁ ନିଷ୍ପତ୍ତି ହୋଇଥିଲା। ଯେଉଁଥି ପାଇଁ ଆଜି ଏହାକୁ ପ୍ରତ୍ୟାହାର ପାଇଁ ନୋଟିସ୍ ଆସିଛି। ଶାସକ ବିଜେପି ବିଧାୟକମାନେ ବର୍ଦ୍ଧିତ ଦରମା ବିଲ୍ ପ୍ରତ୍ୟାହାର ପାଇଁ ଲିଖିତ ଭାବେ ଦେବା ପରେ ସରକାର ଏହି ବିଲକୁ ଫେରାଇ ନେବେ ବୋଲି ସ୍ପଷ୍ଟ ସୂଚନା ମିଳିସାରିଥିଲା।

# କେଜିଏ ସୁନା ଲୁଟ୍

ଭୁବନେଶ୍ୱର,(ଜା.ପ୍ର):ବ୍ରହ୍ମପୁର ବଡ଼ବଜାର ଥାନା ଅନ୍ତର୍ଗତ ପ୍ରେମନଗର ୭ ଲାଇନରେ ରହୁଥିବା ବିଶିଷ୍ଟ ବ୍ୟବସାୟୀ ପ୍ରଭାକର ରାଓଙ୍କ ଘରୁ ବଡ଼ ଧରଣର ଲୁଟ୍ ହୋଇଛି। ଦୁର୍ବୃତ୍ତମାନେ ଘରର ଗ୍ରୀଲ୍ ତାଲା ଭାଙ୍ଗି ଦୁଇଟି ଆଲମିରାରୁ ପ୍ରାୟ କେଜିଏ ଓଜନର ସୁନା ମଅଳଙ୍କାର, ନଗଦ ୧ ଲକ୍ଷ ୩୦ ହଜାର ଟଙ୍କା ନେଇଯାଇଥିବା ଅଭିଯୋଗ ହୋଇଛି। ଏନେଇ ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ କରୁଛି। ଲୁଟେରା ଗ୍ୟାଙ୍ଗକୁ ଧରିବା ପାଇଁ ଆଖପାଖରେ ଲାଗିଥିବା ସିସିଟିଭି ଫୁଟେଜ ସଂଗ୍ରହ କରି ଛାନ୍‌ଭିନ୍ ଚଳାଇଛି ପୁଲିସ୍। ମିଳିଥିବା ସୂଚନା ପ୍ରକାରେ ପ୍ରଭାକର ରାଓ ଗତ ସପ୍ତାହେ ହେଲା ଉକ୍ତ ଘରେ ଏକାକୀ ରହୁଥିଲେ। ତାଙ୍କ ପରିବାରର ଅନ୍ୟ ସଦସ୍ୟମାନେ କୌଣସି କାମରେ ବାହାରକୁ ଯାଇଥିଲେ। ପ୍ରତିଦିନ ଭଳି ପ୍ରଭାକର ବୁଧବାର ପ୍ରାତଃ ଭ୍ରମଣରେ ଯାଇଥିଲେ। ପୂର୍ବାହ୍ନରେ ସେ ଘରକୁ ଆସି ଦେଖିବା ବେଳେ ଦୁର୍ବୃତ୍ତମାନେ ଘରର ତାଲା ଭାଙ୍ଗି ଘରୁ ସୁନା ଅଳଙ୍କାର ନେଇଯାଇଥିବା ଜାଣିବାକୁ ପାଇଥିଲେ। ଏପରିକି ଲୁଟେରାମାନେ ଯିବାବେଳେ ଗ୍ରୀଲ୍‌ରେ ଅନ୍ୟ ଏକ ତାଲା ପକାଇ ଚାଲି ଯାଇଥିଲେ। ପ୍ରଭାକର ତାଲା ଭାଙ୍ଗି ଘର ଭିତରକୁ ଯିବା ବେଳେ ସମସ୍ତ ସୁନା ଗହଣା ଚୋରି ହୋଇଯାଇଥିବା ଦେଖିବାକୁ ପାଇଥିଲେ।

# ମୋଷ୍ଟ ୱାଣ୍ଟେଡ୍ ମାଓ ନେତା ଶୁକ୍ରୁର ଆତ୍ମସମର୍ପଣ

ଭୁବନେଶ୍ୱର,(ଜା.ପ୍ର): ଶେଷରେ ଆତ୍ମସମର୍ପଣ କରିଛି ମୋଷ୍ଟ ୱାଣ୍ଟେଡ୍ ମାଓ ନେତା ଶୁକ୍ରୁ। କନ୍ଧମାଳ ପୁଲିସ ପାଖରେ ସେ ନିଜ ପାଖରେ ଥିବା ଏକ ଏକେ-୪୭ ସହ ଆତ୍ମସମର୍ପଣ କରିଥିବା ସୂଚନା ମିଳିଛି। ଏନେଇ ଆଣ୍ଟି ନକ୍ସଲ ଅପରେସନ୍ ଏଡିଜି ସଞ୍ଜୀବ ପଣ୍ଡା ଦେଇଥିବା ସୂଚନାନୁସାରେ ଶୁକ୍ରୁ ସହ ଆଉ ୫ ମାଓବାଦୀ ମଧ୍ୟ ନିଜ ବନ୍ଧୁକ ସହ ଆତ୍ମସମର୍ପଣ କରିଛନ୍ତି। ପ୍ରକାଶ, ଶୁକ୍ରୁ ରାଜ୍ୟ କମିଟିର ସଦସ୍ୟ ଥିବା ବେଳେ ସେ ଦୀର୍ଘଦିନ ଧରି ସଶସ୍ତ୍ର ସୁରକ୍ଷା ବଳଙ୍କ ପାଇଁ ଚିନ୍ତାର ବିଷୟ ସାଜିଥିଲା। ଶୁକ୍ରୁ ମୁଣ୍ଡ ଉପରେ ୫୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଥିଲା। ଶୁକ୍ରୁ ମୁଖ୍ୟତଃ କନ୍ଧମାଳରେ ବେଶ୍ ସକ୍ରିୟ ରହିଥିଲା। ସାଥୀ ନକ୍ସଲ ଅନ୍ୱେଷ ଓରଫ ରେଣୁଙ୍କୁ ହତ୍ୟା କରି ଗତ ମାସରେ ଚର୍ଚ୍ଚାକୁ ଆସିଥିଲା ଶୁକ୍ରୁ। ଅନ୍ୱେଷ ଆତ୍ମସମର୍ପଣ କରିବାକୁ ଚାହୁଁଥିବା ବେଳେ ଶୁକ୍ରୁ ଓ ତା' ସାଥୀମାନେ ମିଶି ତାଙ୍କୁ ମାରି ପୋତି ଦେଇଥିଲେ ବୋଲି ପୁଲିସ୍ କହିଥିଲା। ଶୁକ୍ରୁକୁ ଧରିବା ପାଇଁ ଓଡିଶା ପୁଲିସ ପକ୍ଷରୁ ଏକ ବଡଧରଣର ଅପରେସନ ଆରମ୍ଭ କରାଯାଇଥିଲା। ଆତ୍ମସମର୍ପଣ ପାଇଁ ମଧ୍ୟ ଆହ୍ୱାନ ଦେଇଥିଲା ଓଡିଶା ପୁଲିସ୍। ସେହିପରି ଅନ୍ୟତମ ମୋଷ୍ଟ ୱାଣ୍ଟେଡ୍ ମାଓନେତା ପାପାରାଓ ଓରଫ ମୋଙ୍ଗୁ ଦାଦା ଓରଫ ସୁଧାକର ମଧ୍ୟ ଆଜି ଦିନରେ ଆତ୍ମସମର୍ପଣ କରିଛି। ପାପାରାଓ ଓଡ଼ିଶା, ମହାରାଷ୍ଟ୍ର ଏବଂ ଛତିଶଗଡରେ ଅନେକ ମାଓ କାର୍ଯ୍ୟକଳାପରେ ଜଡିତ ଥିଲା। ୨୦୧୦ରେ ଦାନ୍ତେୱାଡା ଠାରେ ସିଆରପିଏଫ୍ ଯବାନଙ୍କ ଉପରେ ହୋଇଥିବା ଆକ୍ରମଣରେ ପାପାରାଓ ସାମିଲ ଥିଲା। ଏହି ଘଟଣାରେ ୭୬ ଜଣ ସିଆରପିଏଫ୍ ଯବାନ ସହିଦ୍ ହୋଇଥିବା ବେଳେ ଅନେକ ଯବାନ ଆହତ ହୋଇଥିଲେ। ପାପାରାଓ ପ୍ରାୟ ୧୭ ମାଓବାଦୀ ସାଥୀଙ୍କ ସହ ଛତିଶଗଡର ବିଜାପୁରରେ ଆତ୍ମସମର୍ପଣ କରିଛି।



# ମହାନଦୀ ଟ୍ରିବ୍ୟୁନାଲ୍‌ରେ ଜଳ ବିବାଦର ଶୁଣାଣି: ଏପ୍ରିଲ ୧୧ରେ ପରବର୍ତ୍ତୀ ଶୁଣାଣି ନେଇ ଦିନ ଧାର୍ଯ୍ୟ

ଭୁବନେଶ୍ୱର,(ଜା.ପ୍ର): ମହାନଦୀ ଜଳ ବିବାଦର ଶୁଣାଣି ହୋଇଛି। ମହାନଦୀ ଟ୍ରିବ୍ୟୁନାଲ୍‌ରେ ଜଳ ବିବାଦର ଶୁଣାଣି ହୋଇଛି। ଓଡ଼ିଶା ପାଇଁ ପକ୍ଷ ରଖିଛନ୍ତି ଏଜି ପୀତାମ୍ବର ଆଚାର୍ଯ୍ୟ। ଦୁଇ ରାଜ୍ୟ ମଧ୍ୟରେ ହୋଇଥିବା ବୈଷୟିକ କମିଟି ରିପୋର୍ଟ ଉପସ୍ଥାପନ କରିଛନ୍ତି। ଏହାସହିତ ଦୁଇ ରାଜ୍ୟ ମଧ୍ୟରେ ବିବାଦର ସମାଧାନ ପାଇଁ ସହମତି ନେଇ ଆଶା ପ୍ରକଟ ହୋଇଥିବା ସେ ଅବଗତ କରିଛନ୍ତି। ଆସନ୍ତା ଏପ୍ରିଲ ୧୩ରେ ଟ୍ରିବ୍ୟୁନାଲଙ୍କ କାର୍ଯ୍ୟକାଳ ସରୁଥିବାରୁ ଏହାକୁ ବୃଦ୍ଧି କରିବା ପାଇଁ ଏଜି ଶ୍ରୀ ଆଚାର୍ଯ୍ୟ ସୁପାରିସ୍ କରିଛନ୍ତି। ଜଳ ବିବାଦର ପରବର୍ତ୍ତୀ ଶୁଣାଣି ଏପ୍ରିଲ ୧୧ରେ କରିବାକୁ ଦିନ ଧାର୍ଯ୍ୟ କରାଯାଇଛି। ଶୁଣାଣି ପୂର୍ବରୁ ହୀରାକୁଦ ଠାରୁ ଆରମ୍ଭ କରି ମହାନଦୀ ପ୍ରଭାବିତ ଅଞ୍ଚଳ ବୁଲି ଦେଖିଥିଲା ଟିମ୍। ଏହାସହ ଏହି ଟିମ ମାର୍ଚ୍ଚ ମାସ ୭ ତାରିଖରୁ ୧୧ ତାରିଖ ପର୍ଯ୍ୟନ୍ତ ଛତିଶଗଡ଼ ଯାଇ ସ୍ଥିତି ପରଖିଥିଲା। ଏଭଳି ଆଲୋଚନା ଏବଂ ବିବାଦ ମଧ୍ୟରେ କେବେ ନ୍ୟାୟ ମିଳିବ ଏହା ଉପରେ ସାଧାରଣ ଜନତାଙ୍କ ନଜର ରହିଛି। ସମାଧାନର ରାସ୍ତା ବାହାରିପାରୁ ନଥିବାବେଳେ ଏଠି ପ୍ରଶ୍ନ ଉଠୁଛି ଆପୋଷ ସମାଧାନ ପାଇଁ କେବେ ବାଟ ଫିଟିବ ? ଏପଟେ ଓଡ଼ିଶାର ଉଚ୍ଚସ୍ତରୀୟ ଟିମ୍ ଛତିଶଗଡ଼ ଯିବାରେ କାହିଁକି ବିଳମ୍ବ କରୁଛି ? ଜାଣି ଶୁଣି ଛତିଶଗଡ଼ ସମୟ ଦେଉନଥିବା ଆଲୋଚନା ହେଉଛି। ତେବେ ପରବର୍ତ୍ତୀ ଶୁଣାଣି କ'ଣ ହେବ ଏହା ଉପରେ ସମସ୍ତଙ୍କ ନଜର ରହିଛି ।

ଜାତୀୟ ଚେତନା
JATIYA CHETANA



# ପ୍ରେମ



ବିଭାସୁ ଆଖପାଖକୁ ଚାହିଁଲା। ସେ ଦେଖିଲା ଦୁଇଜଣ କଲେଜ ଝିଅ ଗୋଟିଏ ସ୍ଥାନରେ ଠିଆ ହୋଇ ତେଲଟାଙ୍କି ଆଡ଼କୁ ଚାହୁଁଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ବେଶ୍ ଆଧୁନିକା ଓ ସୁନ୍ଦରୀ ଥିଲା। ବିଭାସୁ ଭାବିଲା, ନିଶ୍ଚିତ ଭାବେ ଏଇ ଝିଅଟି ହିଁ ସ୍ମୃତିମୟୀ ହୋଇଥିବ। ସେ ମନରେ ଅନେକ ଆଶା ନେଇ ସେମାନଙ୍କ ପାଖକୁ ଗଲା। କିନ୍ତୁ ସେ ପହଞ୍ଚିବା ପରେ ସେଠାରେ ଥିବା ଅନ୍ୟ ଜଣେ ସାଧାରଣ ଦେଖାଯାଉଥିବା ଝିଅଟି ହସିଦେଇ କହିଲା, 'ଆପଣ ହିଁ ବିଭାସୁ ବାବୁ ନା ?' ବିଭାସୁ ଚକିତ ହୋଇଗଲା। କାରଣ ସେ ଯାହାକୁ ସ୍ମୃତିମୟୀ ବୋଲି ଭାବିଥିଲା, ସେ ଜଣକ ଥିଲେ ସ୍ମୃତିମୟୀର ସାଙ୍ଗ। ଆଉ ଯିଏ ସ୍ମୃତିମୟୀ ଥିଲା, ତା'ର ରୂପ ବିଭାସୁର କାଳ୍ପନିକ ରୂପ ସହ ଆଦୌ ମିଳୁନଥିଲା। ସେ ବହୁତ ସାଧାରଣ ଥିଲା।

ସେଦିନ କିଛି ସମୟ କଥାବାର୍ତ୍ତା ପରେ ବିଭାସୁ ସେଠାରୁ ଫେରିଆସିଲା। ତା' ମନରେ ଗୋଟିଏ ଅଜବ ପ୍ରକାରର ନୈରାଶ୍ୟ ଖେଳିଯାଇଥିଲା। ସେ ଭାବୁଥିଲା, ସେ ଯେଉଁ ସୌନ୍ଦର୍ଯ୍ୟକୁ ଖୋଜୁଥିଲା, ତାହା ସେ ସ୍ମୃତିମୟୀ ଭିତରେ ପାଇଲାନି। ଦୁଇ-ତିନି ଦିନ ପର୍ଯ୍ୟନ୍ତ ବିଭାସୁ ସ୍ମୃତିମୟୀକୁ ଆଉ ଫୋନ୍ କଲାନି। ସେ ନିଜ ଭିତରେ ସଂଘର୍ଷ କରୁଥିଲା। ଶେଷରେ ଦିନେ ସ୍ମୃତିମୟୀର ପୁଣି ଫୋନ୍ ଆସିଲା। ସେତେବେଳେ ବିଭାସୁ ପାଖରେ ତା' ବୋଉ ବସିଥିଲେ। ଫୋନ୍‌ଟି ବିଭାସୁ ଧରିଥିବା ବେଳେ ବୋଉ ପଚାରିଲେ, 'କିଏରେ ବିଭା ? ଏତେ ଦିନ ହେଲା କାହା ସହିତ କଥା ହେଉଛୁ ?' ବିଭାସୁ କିଛି ନକହି ଫୋନ୍‌ଟି କାଟିଦେଲା।

ଏହାପରେ କିଛି ଦିନ ବିତିଗଲା। ବିଭାସୁ ସ୍ମୃତିମୟୀର କଲ୍ ରିସିଭ୍ କଲାନି କି ମେସେଜର ରିପ୍ଲାଇ ଦେଲାନି। ସେ ଭାବୁଥିଲା ସବୁକିଛି ଏଇଠି ଶେଷ ହୋଇଯିବା ଭଲ। ମାତ୍ର ଦିନେ ସନ୍ଧ୍ୟାରେ ତା'ର ପୁରୁଣା ଡାଏରୀଟି ଖୋଲୁ ଖୋଲୁ ସେଥିରୁ ଏକ ଶୁଖିଲା ଗୋଲାପ ଫୁଲ ଝଡ଼ି ପଡ଼ିଲା। ସେଇ ଫୁଲଟିକୁ ଦେଖି ତା'ର ମନେ ପଡ଼ିଲା ସ୍ମୃତିମୟୀ ସହ ହୋଇଥିବା ସେଇ ପୁରୁଣା କଥାଗୁଡ଼ିକ। ସ୍ମୃତିମୟୀର କଣ୍ଠସ୍ୱରରେ ଥିବା ସେଇ ନିଷ୍ପାପପଣ ଓ ସ୍ନେହର ସ୍ମୃତି ତାକୁ ଆନ୍ଦୋଳିତ କଲା। ସେ ନିଜକୁ ପଚାରିଲା, 'ମୁଁ କ'ଣ ସ୍ମୃତିମୟୀକୁ ଭଲ ପାଉଥିଲି ନା ତା'ର ଏକ କାଳ୍ପନିକ ଚେହେରାକୁ ?' ତାକୁ ନିଜ ଉପରେ ଘୃଣା ଆସିଲା। ସେ ବୁଝିପାରିଲା ଯେ ସେ କେବଳ ମାଂସର ଚେହେରାକୁ ଖୋଜୁଥିଲା, ଯେତେବେଳେ କି ସ୍ମୃତିମୟୀ ତାକୁ ନିଜର ଆତ୍ମା ଦେଇ ସାରିଥିଲା।

ସେଇଦିନ ରାତିରେ ବିଭାସୁ ନିଜେ ସ୍ମୃତିମୟୀକୁ ଫୋନ୍ କଲା। ଫୋନ୍ ଉଠାଇବା ମାତ୍ରେ ସ୍ମୃତିମୟୀ କାନ୍ଦ କାନ୍ଦ ସ୍ୱରରେ କହିଲା, 'ମୁଁ ଜାଣିଛି ଆପଣ ମୋତେ ଦେଖିବା ପରେ କାହିଁକି ଆଉ କଥା ହେବାକୁ ଚାହୁଁନାହାନ୍ତି। ମୁଁ ସୁନ୍ଦରୀ ନୁହେଁ, ସେଥିପାଇଁ ହୁଏତ ମୋ ସହିତ ସମ୍ପର୍କ ରଖିବାକୁ ଆପଣଙ୍କୁ ଲାଜ ଲାଗୁଛି। ମୁଁ ଆପଣଙ୍କୁ ଆଉ ବିରକ୍ତ କରିବିନି।' ସ୍ମୃତିମୟୀର ଏଇ କଥା ପଦକ ବିଭାସୁର ହୃଦୟକୁ ବିଦ୍ଧ କଲା। ସେ ଅନୁତପ୍ତ ହୋଇ କହିଲା, 'ନା ସ୍ମୃତି, ତୁମେ ଭୁଲ୍ ବୁଝିଛ। ପ୍ରକୃତରେ ଭୁଲ୍ ମୋର ଥିଲା। ମୁଁ ଚେହେରାର ଚମକରେ ଏତେ ଅନ୍ଧ ହୋଇଯାଇଥିଲି ଯେ ତୁମର ଶୁଦ୍ଧ କଣ୍ଠସ୍ୱର ଆଉ ନିର୍ମଳ ମନକୁ ଦେଖିପାରିଲିନି।'

ବିଭାସୁ ଆହୁରି କହିଲା, 'ସେଦିନ ମୁଁ ବୋଉଙ୍କ ଆଗରେ ଫୋନ୍ କାଟି ଦେଇଥିଲି ସତ, କିନ୍ତୁ ଆଜି ସେଇ ବୋଉଙ୍କୁ ସବୁକିଛି କହି ସାରିଛି। ସେ ମୋତେ ଗୋଟିଏ କଥା ବୁଝାଇଛନ୍ତି ଯେ-ଦୁନିଆରେ ଚେହେରା ବଦଳିଯାଏ, ହେଲେ ସୁନ୍ଦର ଗୁଣ ଓ ଭଲପାଇବା ସବୁଦିନ ପାଇଁ ରହିଥାଏ।' ସ୍ମୃତିମୟୀ ଚୁପ୍ ରହିଲା, କିନ୍ତୁ ତା'ର ନିଶ୍ୱାସର ଶବ୍ଦରୁ ବୁଝାପଡୁଥିଲା ଯେ ସେ ଆଶ୍ୱସ୍ତ ହୋଇଛି। ଶେଷରେ ବିଭାସୁ ସ୍ଥିର କଲା ଯେ ସେ ସ୍ମୃତିମୟୀର ସେଇ ସରଳତାକୁ ହିଁ ଆପଣେଇ ନେବ। ପ୍ରକୃତ ପ୍ରେମ ବଜାରର ଚକାଚକ୍ୟରେ ନଥାଏ, ବରଂ ଦୁଇଟି ମନର ନିରବ ଭାଷାରେ ଥାଏ। ସେମାନଙ୍କ ସମ୍ପର୍କ ପୂର୍ବ ଅପେକ୍ଷା ଆହୁରି ମଜବୁତ୍ ହେଲା। ବିଭାସୁ ଜାଣିପାରିଲା ଯେ ପ୍ରେମ ଦେଖିବାରେ ନୁହେଁ, ଅନୁଭବରେ ହିଁ ପୂର୍ଣ୍ଣତା ପାଏ। ସେଦିନ ରାତିର ଆକାଶରେ ଚନ୍ଦ୍ର ଯେତେ ଉଜ୍ଜଳ ଦେଖାଯାଉଥିଲା, ସ୍ମୃତିମୟୀର ଚରିତ୍ର ବିଭାସୁ ପାଇଁ ତା'ଠାରୁ ଅଧିକ ଜ୍ୟୋତିର୍ମୟ ଥିଲା। କାଳ୍ପନିକ ରୂପର ମୃଗତୃଷ୍ଣା ଶେଷ ହୋଇଥିଲା ଏବଂ ଜନ୍ମ ନେଇଥିଲା ଏକ ନୂଆ, ବାସ୍ତବ ଓ ପବିତ୍ର ପ୍ରେମ କାହାଣୀ।

ବିଭାସୁ ଆହୁରି କହିଲା, 'ସେଦିନ ମୁଁ ବୋଉଙ୍କ ଆଗରେ ଫୋନ୍ କାଟି ଦେଇଥିଲି ସତ, କିନ୍ତୁ ଆଜି ସେଇ ବୋଉଙ୍କୁ ସବୁକିଛି କହି ସାରିଛି। ସେ ମୋତେ ଗୋଟିଏ କଥା ବୁଝାଇଛନ୍ତି ଯେ-ଦୁନିଆରେ ଚେହେରା ବଦଳିଯାଏ, ହେଲେ ସୁନ୍ଦର ଗୁଣ ଓ ଭଲପାଇବା ସବୁଦିନ ପାଇଁ ରହିଥାଏ।' ସ୍ମୃତିମୟୀ ଚୁପ୍ ରହିଲା, କିନ୍ତୁ ତା'ର ନିଶ୍ୱାସର ଶବ୍ଦରୁ ବୁଝାପଡୁଥିଲା ଯେ ସେ ଆଶ୍ୱସ୍ତ ହୋଇଛି।

ଶେଷରେ ବିଭାସୁ ସ୍ଥିର କଲା ଯେ ସେ ସ୍ମୃତିମୟୀର ସେଇ ସରଳତାକୁ ହିଁ ଆପଣେଇ ନେବ। ପ୍ରକୃତ ପ୍ରେମ ବଜାରର ଚକାଚକ୍ୟରେ ନଥାଏ, ବରଂ ଦୁଇଟି ମନର ନିରବ ଭାଷାରେ ଥାଏ। ସେମାନଙ୍କ ସମ୍ପର୍କ ପୂର୍ବ ଅପେକ୍ଷା ଆହୁରି ମଜବୁତ୍ ହେଲା। ବିଭାସୁ ଜାଣିପାରିଲା ଯେ ପ୍ରେମ ଦେଖିବାରେ ନୁହେଁ, ଅନୁଭବରେ ହିଁ ପୂର୍ଣ୍ଣତା ପାଏ। ସେଦିନ ରାତିର ଆକାଶରେ ଚନ୍ଦ୍ର ଯେତେ ଉଜ୍ଜଳ ଦେଖାଯାଉଥିଲା।

*ଦୀପ୍ତି ଖଣ୍ଡୁଆଳ*
*ଏରସମା, ଜଗତସିଂହପୁର*



# ଛାଇର ବିଶ୍ୱାସଘାତକତା

ସୁମିତ୍ରା ଓ ରବିନଙ୍କ ସଂସାର ଥିଲା ଏକ ସୁନ୍ଦର ସ୍ୱପ୍ନ ପରି। ଦଶ ବର୍ଷର ବିବାହିତ ଜୀବନରେ ସେମାନେ କେବେ ପରସ୍ପରଠାରୁ ଦୂରେଇ ରହିବା କଥା ଚିନ୍ତା କରିନଥିଲେ। ସୁମିତ୍ରା ଥିଲା ଜଣେ ସରଳ, ଗୃହିଣୀ, ଯାହାଙ୍କ ଦୁନିଆ କେବଳ ତାଙ୍କ ସ୍ୱାମୀ ଓ ଘର ଚାରିପାଖରେ ହିଁ ଘୁରୁଥିଲା। ରବିନ ଥିଲେ ଜଣେ ସଫଳ ବ୍ୟବସାୟୀ, ଯିଏ ସୁମିତ୍ରାଙ୍କୁ ବହୁତ ଭଲ ପାଉଥିଲେ ଏବଂ ତାଙ୍କର ସବୁ ଇଚ୍ଛା ପୂରଣ କରୁଥିଲେ।

ଦିନେ ରବିନଙ୍କୁ ଏକ ଜରୁରୀ ବ୍ୟବସାୟିକ କାମରେ କିଛି ଦିନ ପାଇଁ ସହର ବାହାରକୁ ଯିବାକୁ ପଡ଼ିଲା। ସୁମିତ୍ରା ଅନିଚ୍ଛା ସତ୍ତ୍ୱେ ତାଙ୍କୁ ବିଦାୟ ଦେଲେ। ଘରଟା ଖାଲି ଖାଲି ଲାଗୁଥିଲା। ସମୟ କାଟିବା ପାଇଁ ସୁମିତ୍ରା ତାଙ୍କର ଏକ ପୁରୁଣା ସାଙ୍ଗକୁ ଫୋନ୍ କଲେ। କଥାବାର୍ତ୍ତା ଭିତରେ, ସାଙ୍ଗଟି ତାଙ୍କୁ ଏକ ଆଚମ୍ବିତ ଖବର ଦେଲା। ସେ କହିଲା ଯେ ସେ ରବିନଙ୍କୁ ଏକ ଅଜଣା ମହିଳାଙ୍କ ସହ ଏକ ରେଷ୍ଟୋରାଁରେ ଦେଖିଥିଲା। ସୁମିତ୍ରାଙ୍କ ପାଦତଳୁ ମାଟି ଖସିଗଲା। ସେ ଏକଥା ବିଶ୍ୱାସ କରିପାରିଲେ ନାହିଁ। ତାଙ୍କ ମନରେ ସନ୍ଦେହର ବୀଜ ରୋପିତ ହୋଇଗଲା। ସେ ରବିନଙ୍କୁ ଫୋନ୍ କଲେ, କିନ୍ତୁ ରବିନଙ୍କ ଉତ୍ତର ସାଧାରଣ ଥିଲା। ସେ ବଜାରରେ କାମରେ ବ୍ୟସ୍ତ ଥିବା କଥା କହିଲେ। ସୁମିତ୍ରାଙ୍କ ସନ୍ଦେହ ଆହୁରି ବଢ଼ିଲା।

ରବିନ ଘରକୁ ଫେରିବା ପରେ, ସୁମିତ୍ରା ତାଙ୍କୁ ସିଧାସଳଖ ପଚାରିଲେ। ରବିନ ପ୍ରଥମେ ଅସ୍ୱୀକାର କଲେ, କିନ୍ତୁ ସୁମିତ୍ରାଙ୍କ ଜେରା ଆଗରେ ସେ ନତମସ୍ତକ ହେଲେ। ସେ ସ୍ୱୀକାର କଲେ ଯେ ସେ ଏକ ମହିଳାଙ୍କ ସହ ସମ୍ପର୍କରେ ଥିଲେ। ସେ କହିଲେ ଯେ ତାହା କେବଳ ଏକ ସାମୟିକ ଭୁଲ୍ ଥିଲା ଏବଂ ସେ ସୁମିତ୍ରାଙ୍କୁ ହିଁ ପ୍ରକୃତରେ ଭଲ ପାଆନ୍ତି।

ସୁମିତ୍ରାଙ୍କ ହୃଦୟ ଭାଙ୍ଗିଗଲା। ସେ ଯାହାଙ୍କୁ ନିଜର ଛାଇ ପରି ବିଶ୍ୱାସ କରୁଥିଲେ, ସେ ହିଁ ତାଙ୍କୁ ପ୍ରତାରିତ କରିଥିଲେ। ତାଙ୍କ ବିଶ୍ୱାସର ସଂସାର ଧୂଳିସାତ୍ ହୋଇଗଲା। ସେ ରବିନଙ୍କୁ କ୍ଷମା କରିପାରିଲେ ନାହିଁ। ସେ ବୁଝିପାରିଲେ ଯେ ଯେଉଁ ସମ୍ପର୍କରେ ବିଶ୍ୱାସ ନାହିଁ, ତାହା କେବେବି ସୁଖୀ ହୋଇପାରିବ ନାହିଁ। ସୁମିତ୍ରା ନିଷ୍ପତ୍ତି ନେଲେ ଯେ ସେ ରବିନଙ୍କୁ ଛାଡ଼ିଦେବେ। ସେ ନିଜର ସ୍ୱାଭିମାନ ଓ ଆତ୍ମସମ୍ମାନକୁ ବଞ୍ଚାଇବା ପାଇଁ ଏହି କଠୋର ପଦକ୍ଷେପ ନେଲେ। ସେ ବୁଝିପାରିଲେ ଯେ ପ୍ରତାରଣାର କ୍ଷତ କେବେବି ସମ୍ପୂର୍ଣ୍ଣ ଭରଣା ହୋଇପାରିବ ନାହିଁ।

*ସୋମନାଥ ପଣ୍ଡା*
*ନିରାକାରପୁର, ଖୋର୍ଦ୍ଧା*

# ଅଭୁଲା ଅତୀତ

ଜୀବନର ଚଲାପଥେ
ଆଜି ବୟସର ଅପରାହ୍ନେ
ବିତି ଯାଇଥିବା ମୁହୂର୍ତ୍ତକୁ
ସବୁ ପକାଏ ମୁଁ ମନେ।
କେତେ ମୁଁ ପାଇଛି ଆଉ
କେତେ ହରାଇଛି କରୁଛି ହିସାବ
ଗତାୟୁ ଅତୀତକୁ
କିଏ ଅବା ଫେରି ପାଇବ !
ଅତୀତ ହେଉଛି ଏକ ଶବ୍ଦର ସମ୍ଭାର
ସମସ୍ତଙ୍କ ଜୀବନରେ ପାଲଟେ ସେ ଗଳ୍ପ
ମନେ ପଡିଥାଏ ଯେବେ ହୁଏ ବାଟବଣା
ନଥାଏ ଯାହାର କିଛି ସୀମା ସରହଦ।
ଝଡ଼ଝଞ୍ଜା ଜୀବନରେ ଏହି ପୁରୁଣା
ଅତୀତ
ଦେଇଥାଏ ଅନେକ ସୁଖ ଓ ବେଦନା
କିନ୍ତୁ ମନେ ପଡିଗଲେ ସେ
ମୁହଁରେ ଫୁଟାଇ ଦିଏ ହସ ଓ ଯନ୍ତ୍ରଣା।
ମନେପଡ଼େ ଆଜି ମୋର ସେ ପୁରୁଣା
ଅତୀତ
ଯାହା ଆଜି ପାଲଟିଛି ସ୍ମୃତି ଚିତ୍ରପଟ
ଅତୀତ ଦେଇଛି କେତେ ମତେ ଶିକ୍ଷା
ସାଉଁଟି ସେସବୁ ଭବିଷ୍ୟତେ କରିଛି
ଅପେକ୍ଷା।
ସୁଖ ଦୁଃଖ ଯାହା ହେଉ ଅତୀତ ଅଭୁଲା
ପୁଞ୍ଜି ସେତ ଗଢ଼ିବାକୁ ସୁନେଲି ଭବିଷ୍ୟ
ଏ ଦୁଇମଧ୍ୟରେ ରଚୁଅଛି ବର୍ତ୍ତମାନ
ଲୀଳା।

ଲଭଲି ପୁରବୀ
ଗୋପବନ୍ଧୁ ନଗର, ବାଲୁଗାଁ, ଖୋର୍ଦ୍ଧା

# ଉତ୍କଳ ଦିବସ

ଉଣେଇଶ ଶହ ଛତିଶ ମସିହା
ଏପ୍ରିଲ ପହିଲା ଦିନ
ଉତ୍କଳ ପ୍ରଦେଶ ଗଠନ ହୋଇଲା
ଖୁସିହେଲା ସବୁ ମନ।
ସେବେଠାରୁ ପରା ପାଳିତ ହେଉଛି
ଉତ୍କଳ ଦିବସ ଭାବେ
ଆମେ ତ ଓଡ଼ିଆ ନାହିଁ ଭେଦଭାବ
ପ୍ରତିକ୍ଷଣ ଅନୁଭବେ।
ଉତ୍କଳ ମାଟିର କେତେ ବୀର ପୁତ୍ର
ଦେଖାଇଲେ ନୂଆ ଦିଶା
ସଗର୍ବେ ଆମେ ଓଡ଼ିଆ କହୁଛେ
ଆଗକୁ ଯାଉଛି ଭାଷା
ଓଡ଼ିଆ ଭାଷାରେ ମଧୁରତା ଅଛି
କହିବା ଲେଖିବା ପାଇଁ
ଅନ୍ୟ ଭାଷାଭାଷୀ ଓଡ଼ିଶାକୁ ଆସି
ସହଜେ ଯାଆନ୍ତି କହି।
ସେଥିପାଇଁ ଆମେ ପଢ଼ିବା ଓଡ଼ିଆ
ଲେଖିବା ଓଡ଼ିଆ ଭାଷା
ଉତ୍କଳ ଦିବସ ଓଡ଼ିଆ ପ୍ରାଣରେ
ଭରିଦେବ କେତେ ଆଶା ।
ଯେତେ ଭାଷା ଶିଖ ମନା ନାହିଁ ଜମା
ଭାବ ବିନିମୟ ହେବ
ଆମ ମାତୃଭାଷା ସବୁଠୁ ବଢ଼ିଆ
ଡଗ ଡଗ କହିଯିବ ।
ଉତ୍କଳ ଦିବସ ଦେଉଛି ଆହ୍ୱାନ
ଓଡ଼ିଆ ଭୁଲିବା ନାହିଁ
ସିଏ ପରା ଆମ ମାଆଟିଏ ପରି
ତା' କୋଳେ ସୁନ୍ଦର ଛାଇ।

**ସୁଧୀର କୁମାର ଦାସ**
ତରାବୋଇ, ଜଟଣୀ, ଖୋର୍ଦ୍ଧା

# ଆତ୍ମହତ୍ୟାର ସଂଜ୍ଞା

ମର୍ତ୍ତ୍ୟ ମଣ୍ଡଳେ ଜନମ ଲଭିଣ
ମାରିବାଟା ଯଦି ଥୟ,
ଆଜି ମରିଗଲେ ସମସ୍ୟା ତୁଟିବ
କରିବିନି ଜମା ଭୟ ॥
ବକ୍ଷ ଅନ୍ତରାଳେ ତାଣ୍ଡବ ରଚିଲା
ମୃତ୍ୟୁ ନାମଧାରୀ ବାତ୍ୟା ,
ସେପ୍ରଳୟଙ୍କାରୀ ବାତ୍ୟା ପ୍ରକୋପେ
ନିଜକୁ କଲି ମୁଁ ହତ୍ୟା ।।
ତେବେ,
ହେଲା ମୃତ୍ୟୁ ମୋର ଗଲି ମୁଁ ଉପର
ସେଠାରେ ବସି ଦେଖିଲି,
ସଭିଏଁ ଆସନ୍ତି ଦେଖିକି କୁହନ୍ତି
ଆତ୍ମହତ୍ୟା ମୁଁ ଯେ କଲି ॥
ଏମନ୍ତ ପ୍ରକାର ସଭିଁଙ୍କଠୁ ଶୁଣି
ମନରେ ଉଠିଲା ପ୍ରଶ୍ନ ,
ମୋ ନାମେ କାହିଁକି ମିଥ୍ୟା ଅପବାଦ
ହଜିଲା କି ତାଙ୍କ ଜ୍ଞାନ ॥
ପୁଣି ଅନ୍ୟ ଦିଗେ ଭାବେ ବସି
ଇଏ ନିଶ୍ଚେ ଭ୍ରମ ମୋର,
କାହିଁ ସେ ମିଥ୍ୟା ପ୍ରଚାର କରିବେ
ମୁଁ ତ ତାଙ୍କ ଆପଣାର ॥
ନିଶ୍ଚେ ଆତ୍ମହତ୍ୟା ସଂଜ୍ଞା ଜାଣି ନଥିବ
ଦୃଢ଼ୋକ୍ତି ଦେଇ ମୁଁ କହେ ,
ଆତ୍ମହତ୍ୟା ସଂଜ୍ଞା ଆତ୍ମହତ୍ୟା କାରି
ତା' ମୁଖେ ସେ ନିଜେ କହେ ॥
ନିଜକୁ କେମିତି ନିଜେ ମୁଁ ମାରିବି
ଭାବିଲେ ଟିକେ ଆପଣ ,
ସାମାନ୍ୟ ଟିକିଏ ଆଘାତ ଲାଗିଲେ
ଲାଗଇ କେତେ କଷଣ ॥
ନିଜର ଜୀବନ ହାରିବା ଆଗରୁ
ହୋଇଥାଏ କେତେ କଷ୍ଟ,
ମା', ବାପା, ସ୍ତ୍ରୀ, ପିଲା ଛୁଆଙ୍କର
ହୁଅଇ ଜୀବନ ନଷ୍ଟ ॥
କିଏ ବା କାହିଁକି କୋଉଠି କରିବ
ଆତ୍ମକୁ ତାର ହତ୍ୟା,
ସେ ହତ୍ୟା ପଛରେ ରହିଥାଏ ତାର
ଅନେକ ଯନ୍ତ୍ରଣା ବ୍ୟଥା ॥
ସେ ଯନ୍ତ୍ରଣା ଅଟେ ଏତେ ଯେ ଅସହ୍ୟ
ଜୀବନକୁ ଦିଏ ସାରି ,
ସେ ବ୍ୟଥା ପଛରେ ଯାର ହାତ ଥାଏ
ନିଜେ ହତ୍ୟାକାରୀ ॥
ମୋ ମତେ ସଂଜ୍ଞା ଆତ୍ମହତ୍ୟାର
ଇଏ ଏକ ହତ୍ୟା ଅଦୃଶ୍ୟ ଶକ୍ତିର
ଏବେ ବିଚାର ଆପଣଙ୍କର
ଭୁଲ୍‌ଟା ଅଟେ କାହାର
ଯଦି ଭୁଲ୍ ଅଟେ ମୋହର
ତେବେ ଆତ୍ମହତ୍ୟାର ସଂଜ୍ଞା ନିରୂପଣ
କର।
ସେ ଅଦୃଶ୍ୟ ଶକ୍ତି ସାଜିଛି ଜାଲ୍ ?
କରୁଛି ଜୀବନ ଶେଷ,
ବିବେକର ଅନ୍ତେ ବାଧ ହୋଇ ହିଁ
ଧରୁଛି ସେ କାଳ ବେଶ ।
ସମାଜ କହଇ ଆତ୍ମହତ୍ୟା ଏ
କରେ ନାହିଁ ବିଚାର,
ପରିସ୍ଥିତି ଚାପେ ହାରିଥିବା ଜଣେ
ଏଠି କାହିଁ ଦୋଷୀ ଆବର ?
ଏହା ତ ଏକ ହତ୍ୟାକାଣ୍ଡ ଯେ
ସାକ୍ଷୀ କେହି ବି ନାହିଁ,
ମଣିଷ କାହିଁକି ନିଜକୁ ମାରିବ
ସବୁ ଥାଇ ଏହି ଧରଣୀ ପାଇଁ ?
ଜୀବନର ମାନେ ବୁଝିଲା ବେଳକୁ
ଚାଲିଯାଏ ସବୁ ଆୟୁ,
ଆତ୍ମହତ୍ୟା ନୁହେଁ, ସ୍ୱାର୍ଥପର ଦୁନିଆର
ଏହା ଏକ ବିଷାକ୍ତ ବାୟୁ ।

**ସୌମ୍ୟକାନ୍ତ ତ୍ରିପାଠୀ**
ଚିଲିକା, ବାଲୁଗାଁ, ଖୋର୍ଦ୍ଧା

ଜାତୀୟ ଚେତନା
JATIYA CHETANA



# ୩୦୦ ଟି-୨୦ ଫ୍ରାଞ୍ଚାଇଜି ମ୍ୟାଚ୍ ଖେଳିବାରେ ବିଶ୍ୱର ପ୍ରଥମ ଟିମ୍

ମୁମ୍ବାଇ,(ଏଜେନ୍ସି): ଟି-୨୦ ଫ୍ରାଞ୍ଚାଇଜି କ୍ରିକେଟ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ବଡ଼ କୀର୍ତ୍ତିମାନ ନିଜ ନାମରେ କରିଛି। ରବିବାର ସ୍ଥାନୀୟ ୱାଙ୍ଖେଡେ ଷ୍ଟାଡିୟମ୍‌ରେ କୋଲ୍‌କାତା ନାଇଟ୍ ରାଇଡର୍ସ (କେକେଆର୍) ବିପକ୍ଷ ଚଳିତ ଆଇପିଏଲ୍ ୨୦୨୬ ସିଜନ୍‌ର ଦ୍ୱିତୀୟ ମ୍ୟାଚ୍ ପାଇଁ ପଡ଼ିଆକୁ ଓହ୍ଲାଇବା ମାତ୍ରେ ହିଁ ଟିମ୍ ଏପରି ଏକ ଉପଲବ୍ଧି ହାସଲ କରିଛି, ଯାହା ବିଶ୍ୱ କ୍ରିକେଟ୍‌ରେ ଏ ପର୍ଯ୍ୟନ୍ତ କୌଣସି ଫ୍ରାଞ୍ଚାଇଜି ଟିମ୍ କରିବାରେ ସଫଳ ହୋଇ ନାହାନ୍ତି। ପାଞ୍ଚ ଥରର ଆଇପିଏଲ୍ ଚାମ୍ପିଅନ୍ ମୁମ୍ବାଇ ଇଣ୍ଡିଆନ୍ସ ଟିମ୍ ଫ୍ରାଞ୍ଚାଇଜି କ୍ରିକେଟ୍‌ରେ ୩୦୦ ମ୍ୟାଚ୍ ଖେଳିବାରେ ବିଶ୍ୱର ପ୍ରଥମ ଟିମ୍ ହୋଇଛି। ତେବେ ଟି-୨୦ କ୍ରିକେଟ୍ ଖେଳିବା ମାମଲାରେ ମୁମ୍ବାଇ ଇଣ୍ଡିଆନ୍ସ ଟିମ୍ ପାକିସ୍ତାନ ଏବଂ ସମରସେଟ୍ ପରେ ତୃତୀୟ ଟିମ୍ ହୋଇଛି। ମୁମ୍ବାଇ ଇଣ୍ଡିଆନ୍ସ ଆଇପିଏଲ୍‌ରେ ବର୍ତ୍ତମାନ ସୁଦ୍ଧା ୨୭୮ ମ୍ୟାଚ୍ ଖେଳିଥିବା ବେଳେ ଚାମ୍ପିଅନ୍‌ସ ଲିଗ୍‌ରେ ଟି-୨୦ରେ ୨୨ ମ୍ୟାଚ୍ ଖେଳିଛି।

# ଆମେରିକାରେ କ୍ରିକେଟ୍ ଖେଳିବେ ଅଶ୍ୱିନ୍

ନୂଆଦିଲ୍ଲୀ,(ଏଜେନ୍ସି): ପୂର୍ବତନ ଭାରତୀୟ ଅଫ୍ ସ୍ପିନର୍ ରବିଚନ୍ଦ୍ରନ୍ ଅଶ୍ୱିନ୍ ଆମେରିକାରେ ଟି-୨୦ ଲିଗ୍ ଖେଳିବେ। ସେ ଆଗାମୀ ମେଜର ଲିଗ୍ କ୍ରିକେଟ୍ (ଏମ୍‌ଏଲ୍‌ସି) ସିଜନ୍ ପାଇଁ ସାନ୍ ଫ୍ରାନ୍ସିସ୍କୋ ୟୁନିକର୍ନ୍ସ ସହ ଚୁକ୍ତି ସ୍ୱାକ୍ଷରିତ କରିଛନ୍ତି। ଏହା ସହିତ ସେ ଏହି ଟୁର୍ଣ୍ଣାମେଣ୍ଟ୍‌ରେ ଖେଳିବାରେ ପ୍ରଥମ ପୂର୍ବତନ ଭାରତୀୟ ଅନ୍ତର୍ଜାତୀୟ ଖେଳାଳି ହୋଇଛନ୍ତି। ଅଶ୍ୱିନ୍ ୨୦୨୪ ଶେଷରେ ଅନ୍ତର୍ଜାତୀୟ କ୍ରିକେଟ୍‌କୁ ଅଲ୍‌ବିଦା କହିଥିଲେ। ଏହାପରେ ସେ ୨୦୨୫ ଆଇପିଏଲ୍‌ରେ ଚେନ୍ନାଇ ସୁପର୍‌କିଙ୍ଗ୍‌ସ (ସିଏସ୍‌କେ) ପକ୍ଷରୁ ଖେଳିଥିଲେ। ମାତ୍ର ଏହି ସିଜନ୍ ତାଙ୍କ ପାଇଁ ଖାସ୍ ନଥିଲା। ଆଇପିଏଲ୍ ଶେଷ ହେବାପରେ ହିଁ ସେ ଏହି ଲିଗ୍‌ରୁ ମଧ୍ୟ ସନ୍ନ୍ୟାସ ଘୋଷଣା କରିଥିଲେ। ଏବେ ସନ୍ନ୍ୟାସ ପରେ ସେ ଗ୍ଲୋବାଲ୍ ଲିଗ୍ ଆଡ଼କୁ ମୁହାଁଇଛନ୍ତି। ଅଶ୍ୱିନ ନିଜର ଲମ୍ବା ଏବଂ ସଫଳ କ୍ୟାରିୟର୍‌ରେ ଭାରତ ବାହାରେ କୌଣସି ବି ଟି-୨୦ ଲିଗ୍‌ରେ ଭାଗ ନେଇନାହାନ୍ତି। ଆଇପିଏଲ୍ ବ୍ୟତୀତ କୌଣସି ଗ୍ଲୋବାଲ୍ ଫ୍ରାଞ୍ଚାଇଜି ଲିଗ୍‌ରେ ସେ ଖେଳିବା ଏହା ପ୍ରଥମ ଅବସର ହେବ। ଏହା ପୂର୍ବରୁ ସେ ଅଷ୍ଟ୍ରେଲିଆର ବିଗ୍ ବ୍ୟାଶ୍ ଲିଗ୍ (ବିବିଏଲ୍)ରେ ସିଡ୍‌ନୀ ଥଣ୍ଡର୍ ସହିତ ଚୁକ୍ତି କରିଥିଲେ। କିନ୍ତୁ ଆଣ୍ଠୁ ସର୍ଜରୀ କାରଣରୁ ସେ ଖେଳିପାରି ନଥିଲେ।

# ମୁମ୍ବାଇ ଇଣ୍ଡିଆନ୍ସର ବିଜୟୀ ଅଭିଯାନ

## କେକେଆର୍ ୬ ୱିକେଟ୍‌ରେ ପରାଜିତ




ମୁମ୍ବାଇ,(ଏଜେନ୍ସି): ଆଇପିଏଲ୍ ୨୦୨୬ରେ ମୁମ୍ବାଇ ଇଣ୍ଡିଆନ୍ସ ବିଜୟରୁ ଅଭିଯାନ ଆରମ୍ଭ କରିଛି। ଟିମ୍ ନିଜର ସବୁଠୁ ବଡ଼ ରନ୍ ଚେଜ୍ କରିବା ସହିତ ୧୪ ବର୍ଷ ପରେ ଟୁର୍ଣ୍ଣାମେଣ୍ଟ୍‌ରେ ପ୍ରଥମ ମ୍ୟାଚ୍ ଜିତିଛି। ୱାଙ୍ଖେଡେ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଚଳିତ ସିଜନ୍‌ର ଦ୍ୱିତୀୟ ମ୍ୟାଚ୍‌ରେ ମୁମ୍ବାଇ ୬ ୱିକେଟ୍‌ରେ କୋଲ୍‌କାତା ନାଇଟ୍ ରାଇଡର୍ସକୁ ହରାଇଛି। କୋଲ୍‌କାତା ପ୍ରଥମେ ନିର୍ଦ୍ଧାରିତ ୨୦ ଓଭର୍‌ରେ ୪ ୱିକେଟ୍ ବିନିମୟ ୨୨୦ ରନ୍ କରିଥିବା ବେଳେ ମୁମ୍ବାଇ ୧୯.୧ ଓଭର୍‌ରେ ୪ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରି ନେଇଛି।

୨୨୧ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ମୁମ୍ବାଇକୁ ର୍‍ୟାନ୍ ରିକେଲ୍‌ଟନ୍ ଏବଂ ରୋହିତ ଶର୍ମା ଜୋର୍‌ଦାର ଆରମ୍ଭ ଦେଇଥିଲେ। ଉଭୟ ୭୧ ବଲ୍‌ରେ ୧୪୮ ରନ୍‌ର ଓପ୍ନିଂ ପାର୍ଟନରଶିପ୍ କରିଥିଲେ। ୧୨ଶ ଓଭର୍‌ରେ ରୋହିତଙ୍କୁ କ୍ୟାଚ୍ ଆଉଟ୍ କରି ବୈଭବ ଆରୋରା ଏହି ପାର୍ଟନରଶିପ୍ ଭାଙ୍ଗିଥିଲେ। ରୋହିତ ୩୮ ବଲ୍‌ରେ ୬ଟି ଲେଖାଏଁ ଛକା ଓ ଚୌକା ବଳରେ ୭୮ ରନ୍‌ର ଇନିଂସ୍ ଖେଳିଥିଲେ। ରିକେଲ୍‌ଟନ୍ ୪୩ ବଲ୍‌ରେ ୪ ଚୌକା ଏବଂ ୮ ଛକା ସହାୟତାରେ ସର୍ବାଧିକ ୮୧ ରନ୍ କରି ରନ୍‌ଆଉଟ୍ ହୋଇଥିଲେ। ଏହା ବ୍ୟତୀତ ସୂର୍ଯ୍ୟକୁମାର ଯାଦବ ୧୬, ତିଳକ ବର୍ମା ୨୦ ରନ୍ କରି ଆଉଟ୍ ହୋଇଥିଲେ। ହାର୍ଦ୍ଦିକ ପାଣ୍ଡ୍ୟା ୧୮ ଏବଂ ନମନ ଧର ୫ ରନ୍‌ରେ ଅପରାଜିତ ଫେରିଥିଲେ। କୋଲ୍‌କାତା ପକ୍ଷରୁ ବୈଭବ ଆରୋରା, କାର୍ତ୍ତିକ ତ୍ୟାଗୀ ଏବଂ ସୁନିଲ୍ ନରେନ୍ ୧-୧ ୱିକେଟ୍ ପାଇଥିଲେ।

ଟସ୍ ହାରି ପ୍ରଥମେ ବ୍ୟାଟିଂ ପାଇଥିବା କୋଲ୍‌କାତା ପକ୍ଷରୁ କ୍ୟାପ୍‌ଟେନ୍ ଆଜିଙ୍କ୍ୟ ରାହାଣେ ଏବଂ ଫିନ୍ ଆଲେନ୍ ପ୍ରଥମ ୱିକେଟ୍ ପାଇଁ ୬୯ ରନ୍ ଯୋଡ଼ି ଭଲ ଆରମ୍ଭ କରିଥିଲେ। ମାତ୍ର ଫିନ୍ ଆଲେନ୍‌ଙ୍କୁ ତିଳକ ବର୍ମାଙ୍କ ହାତରେ କ୍ୟାଚ୍ କରାଇ ଶାର୍ଦ୍ଦୁଳ ଠାକୁର ଏହି ଯୋଡ଼ିରେ ବ୍ରେକ୍ ଲଗାଇଥିଲେ। ଆଲେନ୍ ୧୭ ବଲ୍‌ରେ ୬ ଚୌକା ଓ ୨ ଛକା ସହାୟତାରେ ଦ୍ରୁତ ୩୭ ରନ୍ କରିଥିଲେ। ଏହାପରେ କାମେରନ୍ ଗ୍ରୀନ୍ (୧୮)ଙ୍କୁ ଆଉଟ୍ କରି ଶାର୍ଦ୍ଦୁଳ କୋଲ୍‌କାତାକୁ ଦ୍ୱିତୀୟ ଝଟ୍‌କା ଦେଇଥିଲେ। ରାହାଣେ ୪୦ ବଲ୍‌ରେ ୩ ଚୌକା ଓ ୪ ଛକା ସହାୟତାରେ ୬୭ ରନ୍‌ର ଇନିଂସ୍ ଖେଳି ଶାର୍ଦ୍ଦୁଳଙ୍କ ତୃତୀୟ ଶିକାର ହୋଇଥିଲେ। ଏହାପରେ ଅଙ୍ଗକ୍ରିଶ ରଘୁବଂଶୀ ଓ ରିଙ୍କୁ ସିଂହ ୬୦ ରନ୍‌ର ପାର୍ଟନରଶିପ୍ କରି ଟିମ୍‌ର ସ୍କୋର୍ ୨୦୦ ରନ୍ ପାର୍ କରାଇଥିଲେ। ରଘୁବଂଶୀ ୨୯ ବଲ୍‌ରେ ୬ ଚୌକା ଓ ଦୁଇ ଛକା ସହାୟତାରେ ୫୧ ରନ୍‌ର ଅର୍ଦ୍ଧଶତକୀୟ ଇନିଂସ୍ ଖେଳି ବିଦାୟ ନେଇଥିବା ବେଳେ ରିଙ୍କୁ ୨୧ ବଲ୍‌ରେ ୩୩ ରନ୍ କରି ଅପରାଜିତ ରହିଥିଲେ। ମୁମ୍ବାଇ ପକ୍ଷରୁ ଶାର୍ଦ୍ଦୁଳ ଠାକୁର ୩ଟି ୱିକେଟ୍ ନେଇଥିବା ବେଳେ କ୍ୟାପ୍‌ଟେନ୍ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଗୋଟିଏ ମିଳିଥିଲା।

# ପେସାଦାର ସର୍କିଟ୍‌କୁ ଓହ୍ଲାଇବେ ମ୍ୟାରିକମ୍ !

ନୂଆଦିଲ୍ଲୀ,(ଏଜେନ୍ସି): ଅଲିମ୍ପିକ୍ ବ୍ରୋଞ୍ଜ୍ ପଦକ ବିଜେତା ଏବଂ ୬ ଥରର ବିଶ୍ୱ ଚାମ୍ପିଅନ୍ ଭାରତୀୟ ବକ୍ସର୍ ଏମ୍‌ସି ମ୍ୟାରିକମ ପେସାଦାର ବକ୍ସିଂକୁ ଓହ୍ଲାଇ ପାରନ୍ତି ବୋଲି କହିଛନ୍ତି। ୨୦୧୨ ଲଣ୍ଡନ ଅଲିମ୍ପିକ୍ ବ୍ରୋଞ୍ଜ୍ ପଦକ ଜିତି ଅଲିମ୍ପିକ୍ ପଦକ ଜିତିବାରେ ପ୍ରଥମ ଭାରତୀୟ ମହିଳା ବକ୍ସର୍ ହୋଇଥିବା ୪୩ ବର୍ଷୀୟା ମ୍ୟାରିକମ୍ କହିଛନ୍ତି, ସୌଖୀନ୍ ସର୍କିଟ୍‌ରେ ଖେଳିବା ପାଇଁ ତାଙ୍କର ଆଉ ବୟସ ନାହିଁ। ମ୍ୟାରିକମ୍ କହିଛନ୍ତି, ୬ ଥର ବିଶ୍ୱ ଚାମ୍ପିଅନ୍‌ଶିପ୍ ଜିତିବା ଖାସ୍ ଥିଲା। ଏବେ ମୋ ବୟସ ଅନୁସାରେ ଦେଶ ପାଇଁ ମୁଁ ସୌଖୀନ୍ ସର୍କିଟ୍‌ରେ ଖେଳିପାରିବି ନାହିଁ। ପେସାଦାର ବକ୍ସିଂ ଏକ ନୂଆ ସୁଯୋଗ ହୋଇପାରେ। ସେ କହିଛନ୍ତି, ଏବେ ମୁଁ ଏହା ଉପରେ ଚିନ୍ତା କରୁଛି। କଠିନ ପରିଶ୍ରମ ସହିତ ପ୍ରତ୍ୟାବର୍ତ୍ତନ ପ୍ରୟାସରେ ରହିଛି, ଫଳାରେ ଲୋକଙ୍କୁ ଜଣାଇ ପାରିବି ମୁଁ କ'ଣ କରିପାରେ। ବ୍ୟକ୍ତିଗତ ଭାବେ ନିଜ ଏକାଡେମୀ ସହିତ ଜଡ଼ିତ ଅଛି ଏବଂ ମଣିପୁର ଯିବା ଆସିବା କରୁଛି। ମଣିପୁରର ବର୍ତ୍ତମାନର ସ୍ଥିତି କାରଣରୁ ବହୁଥର ଅସୁବିଧା ହୋଇଛି, କିନ୍ତୁ ଯେବେ ଯାଇପାରେ ନାହିଁ ଫୋନ୍ କଲ୍ ଜରିଆରେ ଏକାଡେମୀର କାର୍ଯ୍ୟ ଦେଖିଥାଏ।

# ହାଇଦ୍ରାବାଦ୍ ବିପକ୍ଷ ମ୍ୟାଚ୍‌ରେ ବିରାଟଙ୍କ ରେକର୍ଡ ବର୍ଷା

ବେଙ୍ଗାଲୁରୁ,(ଏଜେନ୍ସି): ଭାରତୀୟ ମହାନ୍ ବ୍ୟାଟର୍ ବିରାଟ କୋହଲି ଆଇପିଏଲ୍ ୨୦୨୬ର ଉଦ୍‌ଘାଟନୀ ମ୍ୟାଚ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦ (ଏସ୍‌ଆର୍‌ଏଚ୍) ବିପକ୍ଷରେ ୬୯ ରନ୍‌ର ଇନିଂସ୍ ଖେଳି ଅନେକ ରେକର୍ଡର ଅଧିକାରୀ ହୋଇଛନ୍ତି। ଆଇପିଏଲ୍ ଇତିହାସରେ ଲକ୍ଷ୍ୟର ପିଛା କରି ୪୦୦୦ ରନ୍ କରିବାରେ ସେ ପ୍ରଥମ ଖେଳାଳି ହୋଇଛନ୍ତି। ଆଇପିଏଲ୍‌ରେ ଲକ୍ଷ୍ୟର ପିଛା କରି ସର୍ବାଧିକ ରନ୍ ସଂଗ୍ରହ ମାମଲାରେ ଡେଭିଡ୍ ୱାର୍ଣ୍ଣର୍ (୩୨୮୫) ଦ୍ୱିତୀୟ ଏବଂ ରୋହିତ ଶର୍ମା (୩୨୩୮ ରନ୍) ତୃତୀୟ ସ୍ଥାନରେ ରହିଛନ୍ତି। ଏହା ସହିତ କୋହଲି ଆଇପିଏଲ୍‌ରେ ସଫଳ ରନ୍ ଚେଜ୍‌ରେ ସର୍ବାଧିକ ୫୦+ ସ୍କୋର୍ କରିଥିବା ଖେଳାଳି ହୋଇଛନ୍ତି। ଏହି ମାମଲାରେ ମଧ୍ୟ ସେ ଡେଭିଡ୍ ୱାର୍ଣ୍ଣର୍‌ଙ୍କୁ ପଛରେ ପକାଇଛନ୍ତି। ବିରାଟ ଏହି କାରନାମା ୨୧ ଥର କରିଥିବା ବେଳେ ୱାର୍ଣ୍ଣର୍ ଓ ଶିଖର ଧୱନ୍ ୨୦-୨୦ ଥର ଏହି କାମ କରିଛନ୍ତି। ଏହା ବ୍ୟତୀତ ବର୍ତ୍ତମାନର ଟିମ୍ ଇଣ୍ଡିଆ କୋଚ୍ ଗୌତମ ଗମ୍ଭୀର ୧୮ ଥର ଏବଂ ରୋହିତ ଶର୍ମା ୧୬ ଥର ସଫଳ ରନ୍ ଚେଜ୍‌ରେ ୫୦+ ସ୍କୋର୍ କରିଛନ୍ତି। ସେହିପରି ୬୯ ରନ୍‌ର ଇନିଂସ୍ ସହିତ ବିରାଟ କୋହଲି ଏସ୍‌ଆର୍‌ଏଚ୍ ବିପକ୍ଷରେ ସର୍ବାଧିକ ରନ୍ ସଂଗ୍ରହକାରୀ ବ୍ୟାଟର୍ ହୋଇଛନ୍ତି। ଆଇପିଏଲ୍‌ରେ ହାଇଦ୍ରାବାଦ ବିପକ୍ଷରେ କୋହଲି ଏବେ ସୁଦ୍ଧା ୮୭୪ ରନ୍ କରିଛନ୍ତି। ଅନ୍ୟପକ୍ଷରେ ସଞ୍ଜୁ ସାମ୍‌ସନ୍ ଏହି ଫ୍ରାଞ୍ଚାଇଜି ବିପକ୍ଷରେ ୮୬୭ ରନ୍ କରିଛନ୍ତି। ଏସ୍‌ଆର୍‌ଏଚ୍ ବିପକ୍ଷରେ ସର୍ବାଧିକ ରନ୍ ସଂଗ୍ରହ ମାମଲାରେ ବିରାଟ ଏବେ ସାମ୍‌ସନ୍‌ଙ୍କୁ ପଛରେ ପକାଇ ଦେଇଛନ୍ତି।

# ସାବାଲେଙ୍କାଙ୍କୁ ମିଆମୀ ଓପନ୍ ଟାଇଟଲ୍



ମିଆମୀ,(ଏଜେନ୍ସି): ଆରିନା ସାବାଲେଙ୍କା ମିଆମୀ ଓପନ୍ ଟାଇଟଲ୍ ନିଜ ନାମରେ କରିଛନ୍ତି। ଫାଇନାଲ୍‌ରେ ସେ ବିଶ୍ୱ ଚତୁର୍ଥ ନମ୍ବର ଖେଳାଳି ଆମେରିକାର କୋକୋ ଗଫ୍‌ଙ୍କୁ ୬-୨, ୪-୬. ୬-୩ ସେଟ୍‌ରେ ହରାଇବା ସହିତ ଇଗା ସ୍ୱିଆତେକ୍‌ଙ୍କ ପରେ 'ସନ୍‌ସାଇନ୍ ଡବଲ୍' ପୂରା କରିବାରେ ପ୍ରଥମ ଖେଳାଳି ହୋଇଛନ୍ତି। ଏହା ତାଙ୍କର ଦ୍ୱିତୀୟ ମିଆମୀ ଓପନ୍ ଟାଇଟଲ୍। ଏହା ପୂର୍ବରୁ ଆସ୍‌ଲେ ବାର୍ଟି (୨୦୧୯ ଓ ୨୦୨୧) ଏବଂ ସେରେନା ୱିଲିୟମ୍ସ (୨୦୧୩ ଓ ୨୦୧୫)ରେ ଲଗାତାର ଏହି ଟୁର୍ଣ୍ଣାମେଣ୍ଟ ଜିତିଥିଲେ। ଫଳରେ ସାବାଲେଙ୍କା ମହାନ୍ ଖେଳାଳିଙ୍କ ସୂଚୀରେ ସ୍ଥାନ ହାସଲ କରିଛନ୍ତି। ସେହିପରି ଗୋଟିଏ ସିଜନ୍‌ରେ ଇଣ୍ଡିଆନ୍ ୱେଲ୍ସ ଏବଂ ମିଆମୀ ଓପନ୍ ଜିତିବାରେ ସାବାଲେଙ୍କା ପଞ୍ଚମ ମହିଳା ଖେଳାଳି ହୋଇଛନ୍ତି। ତାଙ୍କ ପୂର୍ବରୁ ଷ୍ଟେଫି ଗ୍ରାଫ୍, କିମ୍ କ୍ଲିଷ୍ଟର୍ସ, ଭିକ୍ଟୋରିଆ ଆଜାରେଙ୍କା ଏବଂ ଇଗା ସ୍ୱିଆତେକ ଏହି କାରନାମା କରିସାରିଛନ୍ତି। ୨୦୦୦ ପରେ ବର୍ଷର ପ୍ରଥମ ଚାରି ଟୁର୍ଣ୍ଣାମେଣ୍ଟ୍‌ର ଫାଇନାଲ୍‌ରେ ପ୍ରବେଶ କରିବାରେ ସାବାଲେଙ୍କା (ମାର୍ଟିନା ହିଙ୍ଗିସ୍ ୨୦୦୧, ସେରେନା ୱିଲିୟମ୍ସ ୨୦୦୩ ଓ ଭିକ୍ଟୋରିଆ ଆଜାରେଙ୍କା ୨୦୨୧)ଙ୍କ ପରେ ଚତୁର୍ଥ ଖେଳାଳି ହୋଇଛନ୍ତି। ଏ ସମସ୍ତ ଟୁର୍ଣ୍ଣାମେଣ୍ଟ୍ ହାର୍ଡକୋର୍ଟରେ ହୋଇଥିବା ବେଳେ ସେ ଏହା ମଧ୍ୟରୁ ତିନିଟି ଜିତିଛନ୍ତି। ଏହା ମଧ୍ୟରେ ବ୍ରିସ୍‌ବେନ୍ ଏବଂ ସନ୍‌ସାଇନ୍ ଡବଲ୍ ସାମିଲ।

ଏହି ବିଜୟ ସାବାଲେଙ୍କାଙ୍କ କ୍ୟାରିୟର୍‌ର ୨୪ତମ ଡବ୍ଲ୍ୟୁଟିଏ ସିଙ୍ଗଲ୍ସ ଏବଂ ମୋଟ ଉପରେ ୩୦ତମ ଟାଇଟଲ୍। ଏହା ମଧ୍ୟରେ ୪ ଗ୍ରାଣ୍ଡସ୍ଲାମ୍ ସିଙ୍ଗଲ୍ସ, ୨ ଡବଲ୍ସ, ୧୧ ଡବ୍ଲ୍ୟୁଟିଏ ୧୦୦୦ ସିଙ୍ଗଲ୍ସ ଟାଇଟଲ୍ ଏବଂ ଦୁଇ ଡବଲ୍ସ ଟାଇଟଲ୍ ସାମିଲ। ସାବାଲେଙ୍କା ଦୀର୍ଘ ସମୟ ଧରି ବିଶ୍ୱର ଏକ ନମ୍ବର ଖେଳାଳି ଅଛନ୍ତି ଏବଂ ଏବେ ତାଙ୍କର ଏହି ସ୍ଥିତି ଆହୁରି ମଜଭୁତ ହୋଇଛି। ସେ ବିଶ୍ୱର ନମ୍ବର ଏକ ଖେଳାଳି ଭାବେ ମୋଟ ୮୩ ସପ୍ତାହ ବିତାଇ ସାରିଲେଣି।

# ଭୁଟାନ୍‌କୁ ୫-୦ରେ ହରାଇ ଶୀର୍ଷରେ ଭାରତ

ନୂଆଦିଲ୍ଲୀ,(ଏଜେନ୍ସି): ଭାରତୀୟ ୨୩ ବର୍ଷରୁ କମ୍ ପୁରୁଷ ଫୁଟ୍‌ବଲ୍ ଟିମ୍ ଚମତ୍କାର ପ୍ରଦର୍ଶନ ସହ ଭୁଟାନ୍‌କୁ ୫-୦ ଗୋଲ୍‌ରେ ଶୋଚନୀୟ ଭାବେ ହରାଇ ତ୍ରିରାଷ୍ଟ୍ରୀୟ ଫୁଟ୍‌ବଲ୍ ଚାମ୍ପିଅନ୍‌ଶିପ୍‌ର ଶୀର୍ଷରେ ପହଞ୍ଚିଛି। ଏହି ମ୍ୟାଚ୍ ଅରୁଣାଚଳ ପ୍ରଦେଶର ୟୁପିୟାସ୍ଥିତ ଗୋଲ୍‌ଡେନ୍ ଜୁବଲି ଷ୍ଟାଡିୟମ୍‌ରେ ଖେଳାଯାଇଥିଲା। ଭାରତ ପକ୍ଷରୁ ସୁହେଲ୍ ଅହମଦ ଭଟ ଦୁଇଟି ଗୋଲ୍ ଦେଇଥିବା ବେଳେ ରିକ୍କି ମିତେଇ ହାଓବାମ୍, ଟୋମ୍ବା ସିଂହ ହାଉବାମ୍ ଏବଂ ମହମ୍ମଦ ଅଜସଲ ୧-୧ ଗୋଲ୍ ଦେଇ ଟିମ୍‌ର ବିଜୟ ପକ୍କା କରିଛନ୍ତି। ହାଫ୍ ଟାଇମ୍‌ର ଠିକ୍ ପୂର୍ବରୁ ରିକ୍କି ବକ୍ସ ବାହାରେ ଏକ ଚମତ୍କାର ଶଟ୍ ଜରିଆରେ ଭାରତକୁ ଅଗ୍ରଣୀ ପ୍ରଦାନ କରିଥିଲେ। ଏହାପରେ ଦ୍ୱିତୀୟ ହାଫ୍‌ରେ ଲଗାତାର ଗୋଲ୍ କରି ମ୍ୟାଚ୍‌କୁ ଏକତରଫା କରିଥିଲା। ମ୍ୟାଚ୍‌ର ଅନ୍ତିମ ମିନିଟ୍‌ରେ ଭାରତ ଆଉ ଦୁଇଟି ଗୋଲ୍ କରି ସ୍କୋର୍ ୫-୦ କରିଥିଲା।

ଜାତୀୟ ଚେତନା
JATIYA CHETANA



# ରୁପେଲି ପରଦାରେ 'ଏଜ୍ ଗ୍ୟାପ୍' ଟ୍ରେଣ୍ଡ୍



ବଲିଉଡର ଚମକପ୍ରଦ ଦୁନିଆରେ ରୁପେଲି ପରଦାର ରୋମାନ୍ସକୁ ନେଇ ସବୁବେଳେ ଚର୍ଚ୍ଚା ଲାଗିରହିଥାଏ। ବିଶେଷ କରି ଅଭିନେତା ଓ ଅଭିନେତ୍ରୀଙ୍କ ମଧ୍ୟରେ ଥିବା ବୟସର ବ୍ୟବଧାନକୁ ନେଇ ଏବେ ଏକ ନୂଆ ଟ୍ରେଣ୍ଡ୍ ଦେଖିବାକୁ ମିଳୁଛି, ଯେଉଁଠି ବୟସ କେବଳ ଏକ ସଂଖ୍ୟା ପାଲଟିଛି। ବର୍ତ୍ତମାନ ସମୟରେ ଏପରି ଅନେକ ଚଳଚ୍ଚିତ୍ର ସାମ୍ନାକୁ ଆସୁଛି, ଯେଉଁଥିରେ ଅଭିନେତାଙ୍କ ତୁଳନାରେ ଅଭିନେତ୍ରୀମାନେ ଯଥେଷ୍ଟ କମ୍ ବୟସର। କିଏ ନିଜଠାରୁ ୨୦ ବର୍ଷ ତ କିଏ ୩୬ ବର୍ଷ ସାନ ଅଭିନେତ୍ରୀଙ୍କ ସହ ଅନସ୍କ୍ରିନ ରୋମାନ୍ସ କରୁଥିବା ଦେଖାଯାଉଛି। ଏହି କ୍ରମରେ ଆଗାମୀ ଚଳଚ୍ଚିତ୍ର 'ଭୂତ ବଙ୍ଗଳା'ରେ ୫୮ ବର୍ଷୀୟ ସୁପରଷ୍ଟାର ଅକ୍ଷୟ କୁମାରଙ୍କ ବିପକ୍ଷରେ ୨୬ ବର୍ଷୀୟା ଭାମିକା ଗାବି ନଜର ଆସିବେ। ଏହି ୩୨ ବର୍ଷର ବ୍ୟବଧାନକୁ ନେଇ ବିତର୍କ ଜୋର୍ ଧରିଥିବା ବେଳେ ଅକ୍ଷୟ ଏହାକୁ ସ୍ୱାଭାବିକ ବୋଲି କହିଛନ୍ତି। ସେ କହିଛନ୍ତି ଯେ ହଲିଉଡରେ ମଧ୍ୟ ଏପରି ଘଟେ ଏବଂ ଅନେକ ସମୟରେ ସ୍କ୍ରିପ୍ଟର ଚାହିଦା ଅନୁସାରେ ଏଭଳି କାଷ୍ଟିଂ କରାଯାଇଥାଏ।

ଏହି ବୟସ ବ୍ୟବଧାନର ଧାରା ବଲିଉଡରେ ବେଶ୍ ପୁରୁଣା। ସଲମାନ ଖାନଙ୍କୁ ଦେଖିଲେ 'ଦବଙ୍ଗ ୩'ରେ ସେ ୧୮ ବର୍ଷୀୟା ସାଇ ମଞ୍ଜରେକରଙ୍କ ସହ ଅଭିନୟ କରିଥିଲେ, ଯେଉଁଠି ଉଭୟଙ୍କ ମଧ୍ୟରେ ୩୬ ବର୍ଷର ପାର୍ଥକ୍ୟ ଥିଲା। ସେହିପରି 'ସିକନ୍ଦର' ଚଳଚ୍ଚିତ୍ରରେ ମଧ୍ୟ ରଶ୍ମିକା ମନ୍ଦାନାଙ୍କ ସହ ତାଙ୍କର ୩୧ ବର୍ଷର ବୟସ ବ୍ୟବଧାନ ରହିଛି। ଅକ୍ଷୟ କୁମାର ମଧ୍ୟ 'ସମ୍ରାଟ ପୃଥ୍ୱୀରାଜ'ରେ ନିଜଠାରୁ ୩୦ ବର୍ଷ ସାନ ମାନୁଷୀ ଚିଲ୍ଲରଙ୍କ ସହ ନଜର ଆସିଥିଲେ। ବଲିଉଡର ଶେହେନଶାହ ଅମିତାଭ ବଚ୍ଚନ ମଧ୍ୟ ଏହି ତାଲିକାରୁ ବାଦ୍ ପଡ଼ିନାହାନ୍ତି। ସେ 'ସୂର୍ଯ୍ୟବଂଶମ'ରେ ଅଭିନେତ୍ରୀ ସୌନ୍ଦର୍ଯ୍ୟାଙ୍କ ସହ ଏବଂ 'ଲାଲ ବାଦଶାହ'ରେ ମନୀଷା କୋଇରାଲାଙ୍କ ସହ କାମ କରିଥିଲେ, ଯେଉଁଠି ବୟସର ପାର୍ଥକ୍ୟ ପ୍ରାୟ ୨୮ ରୁ ୩୦ ବର୍ଷ ଥିଲା।

ଶାହାରୁଖ ଖାନଙ୍କ କ୍ଷେତ୍ରରେ ମଧ୍ୟ ସମାନ ଚିତ୍ର ଦେଖିବାକୁ ମିଳିଛି। 'ରବ୍ ନେ ବନା ଦି ଯୋଡ଼ି'ରେ ଅନୁଷ୍କା ଶର୍ମାଙ୍କ ସହ ତାଙ୍କର ୨୩ ବର୍ଷର ବ୍ୟବଧାନ ଥିବା ବେଳେ ସମ୍ପ୍ରତି ମୁକ୍ତିଲାଭ କରିଥିବା 'ଡଙ୍କି'ରେ ତାପସୀ ପନ୍ନୁଙ୍କ ସହ ସେ ୨୨ ବର୍ଷର ବ୍ୟବଧାନରେ ଅଭିନୟ କରିଛନ୍ତି। ନୱାଜୁଦ୍ଦିନ ସିଦ୍ଦିକି ମଧ୍ୟ 'ଟିକୁ ୱେଡ୍ସ ଶେରୁ'ରେ ନିଜଠାରୁ ୨୭ ବର୍ଷ ସାନ ଅବନୀତ କୌରଙ୍କ ସହ ରୋମାନ୍ସ କରି ଚର୍ଚ୍ଚା ସାଉଣ୍ଟିଥିଲେ। ସେହିପରି ରଣବୀର ସିଂ 'ଧୁରନ୍ଧର: ଦି ରିଭେଞ୍ଜ'ରେ ୨୦ ବର୍ଷୀୟା ସାରା ଅର୍ଜୁନଙ୍କ ସହ, ଆମୀର ଖାନ 'ଗଜନୀ'ରେ ଆସିନଙ୍କ ସହ ଏବଂ ଅଜୟ ଦେବଗନ 'ହିମ୍ମତୱାଲା'ରେ ତମନ୍ନା ଭାଟିଆଙ୍କ ସହ ପ୍ରାୟ ୨୦ ବର୍ଷର ବୟସ ପାର୍ଥକ୍ୟରେ ଅଭିନୟ କରିଛନ୍ତି। ଯଦିଓ ବୟସର ଏହି ବଡ଼ ପାର୍ଥକ୍ୟକୁ ନେଇ ସିନେମାପ୍ରେମୀଙ୍କ ମଧ୍ୟରେ ଭିନ୍ନ ଭିନ୍ନ ମତ ଦେଖିବାକୁ ମିଳୁଛି, ତଥାପି ବଲିଉଡରେ ଏହି ଅନସ୍କ୍ରିନ ଯୋଡ଼ିଙ୍କ ଜାଦୁ ଦର୍ଶକଙ୍କୁ ବେଶ୍ ଆକୃଷ୍ଟ କରୁଛି।

ପ୍ରକୃତରେ ଏହି ଘଟଣା କେବଳ ଏବେକାର ନୁହେଁ, ବରଂ ବଲିଉଡରେ ଏହା ଏକ ପରମ୍ପରାରେ ପରିଣତ ହୋଇଛି। ଅତୀତରେ ମଧ୍ୟ ରାଜ କପୁର, ଦିଲ୍ଲୀପ କୁମାର ଏବଂ ଦେବ ଆନନ୍ଦଙ୍କ ଭଳି ବଡ଼ ବଡ଼ ଅଭିନେତାମାନେ ସେମାନଙ୍କ ଠାରୁ ବହୁତ କମ୍ ବୟସର ନାୟିକାଙ୍କ ସହ ପରଦା ଶେୟାର କରିଥିବାର ନଜିର ରହିଛି। ଆଜିର ସିନେମା ଦୁନିଆରେ ବାସ୍ତବିକତା ଅପେକ୍ଷା ଗ୍ଲାମର ଏବଂ ବକ୍ସ ଅଫିସ ସଫଳତା ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି। ଚଳଚ୍ଚିତ୍ର ନିର୍ମାତାଙ୍କ ମତରେ, ଜଣେ ବରିଷ୍ଠ ଅଭିନେତାଙ୍କ ସହ ଯୁବ ଅଭିନେତ୍ରୀଙ୍କୁ କାଷ୍ଟ କଲେ ଫିଲ୍ମଟି ଅଧିକ ସତେଜ ଏବଂ ଆକର୍ଷଣୀୟ ମନେହୁଏ। ଏହା ସହିତ ଯୁବ ପିଢ଼ିର ଦର୍ଶକଙ୍କୁ ସିନେମା ହଲ୍‌କୁ ଟାଣିବା ପାଇଁ ଏହା ଏକ ମାଧ୍ୟମ ସାଜିଥାଏ। ତେବେ ଏହି ବୟସ ପାର୍ଥକ୍ୟକୁ ନେଇ ସମାଜରେ ଦୁଇଟି ଭିନ୍ନ ଚିନ୍ତାଧାରା ରହିଛି। କିଛି ଲୋକ କହନ୍ତି ଯେ ଅଭିନୟ ଏକ କଳା ଏବଂ ଏଥିରେ ବୟସର କୌଣସି ସୀମା ରହିବା ଅନୁଚିତ। ଯଦି ଜଣେ ଅଭିନେତା ତାଙ୍କର ଫିଟନେସ୍ ଓ ଅଭିନୟ ଜରିଆରେ ନିଜକୁ ଯୁବକ ଭାବେ ଉପସ୍ଥାପନ କରିପାରୁଛନ୍ତି, ତେବେ ସେଥିରେ କୌଣସି ଅସୁବିଧା ନାହିଁ। ଅନ୍ୟପଟେ, ସାମାଜିକ ଗଣମାଧ୍ୟମରେ ଅନେକ ସମୟରେ ଏହାକୁ ସମାଲୋଚନା ମଧ୍ୟ କରାଯାଉଛି। ବିଶେଷ କରି ମହିଳା ଅଭିନେତ୍ରୀଙ୍କ କ୍ଷେତ୍ରରେ ବୟସ ବଢ଼ିଗଲେ ସେମାନଙ୍କୁ ମୁଖ୍ୟ ଚରିତ୍ରରୁ ବାଦ୍ ଦିଆଯାଉଥିବା ବେଳେ ପୁରୁଷ ଅଭିନେତାମାନେ ବହୁ ବୟସ ପର୍ଯ୍ୟନ୍ତ ନାୟକ ସାଜିବା କେତେଦୂର ଯୁକ୍ତିଯୁକ୍ତ, ସେ ନେଇ ପ୍ରଶ୍ନ ଉଠୁଛି। ତଥାପି ଏହି ସମସ୍ତ ବିତର୍କ ଓ ବିରୋଧ ସତ୍ତ୍ୱେ ବଲିଉଡରେ ଏହି ଟ୍ରେଣ୍ଡ୍ ଜାରି ରହିଛି ଏବଂ ନିର୍ମାତାମାନେ ନୂଆ ନୂଆ ପରୀକ୍ଷା ନିରୀକ୍ଷା ଜାରି ରଖିଛନ୍ତି। ଯେପର୍ଯ୍ୟନ୍ତ ଦର୍ଶକ ଏହି ଯୋଡ଼ିଙ୍କୁ ପସନ୍ଦ କରୁଛନ୍ତି ଏବଂ ଫିଲ୍ମ ହିଟ୍ ହେଉଛି, ସେପର୍ଯ୍ୟନ୍ତ ବୟସର ବ୍ୟବଧାନ ବ୍ୟବସାୟରେ କୌଣସି ବାଧା ସୃଷ୍ଟି କରିବ ନାହିଁ ବୋଲି ମନେହୁଏ। ଶେଷରେ ସିନେମା ହେଉଛି ଏକ ମନୋରଞ୍ଜନର ମାଧ୍ୟମ, ଯେଉଁଠି ଦର୍ଶକ କାହାଣୀ ଓ ଅଭିନୟରେ ହଜିଯିବାକୁ ଭଲ ପାଆନ୍ତି। ବଲିଉଡର ଏହି ବଡ଼ ପରଦାରେ ବୟସର ଏହି ଲମ୍ବା ଗାର କେତେବେଳେ ଲିଭିଯାଇ ପରଦାରେ ରୋମାନ୍ସର ରଙ୍ଗ ଭରିଦିଏ, ତାହା ଜାଣିବା କଷ୍ଟକର। ଆଗାମୀ ଦିନରେ ଏହିପରି ଆହୁରି ଅନେକ ଆଶ୍ଚର୍ଯ୍ୟଜନକ ଯୋଡ଼ି ଆମକୁ ଦେଖିବାକୁ ମିଳିବେ, ଯାହା ବଲିଉଡର ଏହି ରୋଚକ ଯାତ୍ରାକୁ ଆହୁରି ଆଗକୁ ନେଇଯିବ।

## ଡଲ୍‌ବି ପ୍ରେକ୍ଷାଳୟରୁ ବିଦାୟ ନେବ ବିଶ୍ୱର ସବୁଠାରୁ ବଡ଼ ଚଳଚ୍ଚିତ୍ର ପୁରସ୍କାର

ବିଶ୍ୱର ସବୁଠାରୁ ପ୍ରତିଷ୍ଠିତ ଚଳଚ୍ଚିତ୍ର ପୁରସ୍କାର 'ଓସ୍କାର' ଏକ ନୂଆ ଯୁଗରେ ପ୍ରବେଶ କରିବାକୁ ଯାଉଛି। ୨୦୦୨ ମସିହାରୁ ଅନେକ ଐତିହାସିକ ମୁହୂର୍ତ୍ତର ସାକ୍ଷୀ ରହିଥିବା ହଲିଉଡର 'ଡଲବି ପ୍ରେକ୍ଷାଳୟ' ସହ ଓସ୍କାରର ସମ୍ପର୍କ ଛିନ୍ନ ହେବାକୁ ଯାଉଛି। ଏକାଡେମୀ ପକ୍ଷରୁ କରାଯାଇଥିବା ଘୋଷଣା ଅନୁଯାୟୀ, ୨୦୨୮ରେ ୧୦୦ତମ ସଂସ୍କରଣ ପରେ ଓସ୍କାର ସମାରୋହ ଏକ ନୂତନ ଠିକଣାକୁ ସ୍ଥାନାନ୍ତରିତ ହେବ। ୨୦୨୯ ମସିହାରୁ ୨୦୩୯ ପର୍ଯ୍ୟନ୍ତ ଓସ୍କାର ସମାରୋହ ଲସ୍ ଆଞ୍ଜେଲସ୍‌ର 'ପିକକ୍ ପ୍ରେକ୍ଷାଳୟ'ରେ ଆୟୋଜିତ ହେବ। ଏଥିପାଇଁ ଚଳଚ୍ଚିତ୍ର କଳା ଏବଂ ବିଜ୍ଞାନ ଏକାଡେମୀ, ମନୋରଞ୍ଜନ ସଂସ୍ଥା 'ଏଇଜି' ସହ ଚୁକ୍ତିବଦ୍ଧ ହୋଇଛି। ଏହି ସ୍ଥାନାନ୍ତରଣ ସହିତ ଓସ୍କାରର ୧୦୧ତମ ଅଧ୍ୟାୟ ଏକ ଅତ୍ୟାଧୁନିକ ପରିବେଶରେ ଆରମ୍ଭ ହେବ। ଓସ୍କାର ପ୍ରେମୀଙ୍କ ପାଇଁ ଆଉ ଏକ ବଡ଼ ଖବର ହେଉଛି ଯେ, ୨୦୨୯ ମସିହାରୁ ଏହି ସମାରୋହ 'ୟୁଟ୍ୟୁବ୍'ରେ ସିଧା ପ୍ରସାରିତ ହେବ। ୨୦୨୯ରୁ ୨୦୩୩ ପର୍ଯ୍ୟନ୍ତ ହୋଇଥିବା ଏହି ଚୁକ୍ତି ଅନୁଯାୟୀ, ଶୋଭାଯାତ୍ରା ପରିକ୍ରମାଠାରୁ ଆରମ୍ଭ କରି ପରଦା ପଛର ସମସ୍ତ ଦୃଶ୍ୟ ଓ ବାର୍ଷିକ 'ରାଜ୍ୟପାଳ ନୃତ୍ୟୋତ୍ସବ' ପର୍ଯ୍ୟନ୍ତ ସବୁକିଛି ୟୁଟ୍ୟୁବ୍‌ରେ ସିଧା ପ୍ରସାରଣ ଜରିଆରେ ବିଶ୍ୱବ୍ୟାପୀ ଦର୍ଶକ ଦେଖିପାରିବେ। ଏହି ଐତିହାସିକ ପରିବର୍ତ୍ତନ ସିନେମା ଜଗତର ଏହି ମହାନ ଉତ୍ସବକୁ ପ୍ରଯୁକ୍ତିବିଦ୍ୟା ଦୃଷ୍ଟିରୁ ଅଧିକ ଉନ୍ନତ ଏବଂ ବିଶ୍ୱବ୍ୟାପୀ ଦର୍ଶକଙ୍କ ନିକଟତର କରିବ ବୋଲି ଏକାଡେମୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବିଲ୍ କ୍ରାମର ଆଶା ପ୍ରକାଶ କରିଛନ୍ତି। ପୂର୍ବରୁ ଓସ୍କାର ସମାରୋହ ବିଭିନ୍ନ ସ୍ଥାନରେ ଆୟୋଜିତ ହୋଇଥିବା ବେଳେ ଏହି ନୂତନ ପରିବର୍ତ୍ତନ ଇତିହାସରେ ଏକ ନୂଆ ଅଧ୍ୟାୟ ଯୋଡ଼ିବ।

## ୨୦୨୭ରେ ମୁକ୍ତିଲାଭ କରିବ 'ବାରାଣସୀ'



ଭାରତୀୟ ସିନେମା ଜଗତର ଦିଗ୍‌ଗଜ ନିର୍ଦ୍ଦେଶକ ଏସ.ଏସ. ରାଜାମୌଲି ପୁଣିଥରେ ଏକ ଭବ୍ୟ ଏବଂ ଅଭୁତପୂର୍ବ କାହାଣୀ ସହ ବିଶ୍ୱ ଦରବାରକୁ ଆସିବା ପାଇଁ ପ୍ରସ୍ତୁତ ହେଉଛନ୍ତି। ରାମ ନବମୀର ଏହି ପବିତ୍ର ଅବସରରେ ତାଙ୍କର ବହୁପ୍ରତୀକ୍ଷିତ ଚଳଚ୍ଚିତ୍ର 'ବାରାଣସୀ'କୁ ନେଇ ଏକ ବଡ଼ ଘୋଷଣା କରାଯାଇଛି। ଚଳଚ୍ଚିତ୍ର ନିର୍ମାଣକାରୀ ସଂସ୍ଥା ପକ୍ଷରୁ ଏକ କ୍ଷୁଦ୍ର ଝଲକ ଜାରି କରାଯାଇ ସ୍ପଷ୍ଟ କରାଯାଇଛି ଯେ, ଏହି ସିନେମାଟି ଆସନ୍ତା ବର୍ଷ ଅର୍ଥାତ୍ ୭ ଏପ୍ରିଲ, ୨୦୨୭ ରାମ ନବମୀ ତିଥିରେ ସାରା ବିଶ୍ୱର ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବ। ସାମାଜିକ ଗଣମାଧ୍ୟମରେ ପ୍ରସାରିତ ଏହି କ୍ଷୁଦ୍ର ଭିଡିଓରେ ଏକ ନାଟକୀୟ ରାମାୟଣ ଦୃଶ୍ୟକୁ ଦର୍ଶାଯାଇଛି, ଯାହା ପ୍ରଶଂସକଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ସୃଷ୍ଟି କରିଛି। ଏହି ଚଳଚ୍ଚିତ୍ରରେ ଦକ୍ଷିଣ ଭାରତୀୟ ସୁପରଷ୍ଟାର ମହେଶ ବାବୁଙ୍କୁ ପ୍ରଥମ ଥର ପାଇଁ ଦ୍ୱୈତ ଭୂମିକାରେ ଦେଖିବାକୁ ମିଳିବ। ସବୁଠାରୁ ଆଶ୍ଚର୍ଯ୍ୟଜନକ ତଥ୍ୟ ହେଉଛି, ଚଳଚ୍ଚିତ୍ରରେ ପ୍ରାୟ ୨୫ ମିନିଟ୍‌ର ଏକ ଦୀର୍ଘ ରାମାୟଣ ପ୍ରସଙ୍ଗ ରହିଛି, ଯେଉଁଥିରେ ମହେଶ ବାବୁ ପ୍ରଭୁ ଶ୍ରୀରାମଙ୍କ ଅବତାରରେ ନଜର ଆସିବେ। ଏହି ସ୍ୱତନ୍ତ୍ର ଦୃଶ୍ୟର ସୁଟିଂ ପାଇଁ ପ୍ରାୟ ୬୦ ଦିନ ସମୟ ଲାଗିଥିବା କୁହାଯାଉଛି, ଯାହା ଏହି କାହାଣୀର ଗୁରୁତ୍ୱକୁ ସୂଚାଉଛି।

'ବାରାଣସୀ'କୁ ଭାରତର ସବୁଠାରୁ ବଡ଼ ଏବଂ ମହଙ୍ଗା ଚଳଚ୍ଚିତ୍ର ଭାବେ ଗଣନା କରାଯାଉଛି। ଏହାର ନିର୍ମାଣ ପାଇଁ ୧,୦୦୦ କୋଟି ଟଙ୍କାରୁ ଅଧିକ ଅର୍ଥ ବ୍ୟୟ କରାଯାଉଥିବା ସୂଚନା ମିଳିଛି। ରାଜାମୌଲି ଏହି ଚଳଚ୍ଚିତ୍ରକୁ ଏକ ବିଶ୍ୱସ୍ତରୀୟ ଦୁଃସାହସିକ ଯାତ୍ରା ଭାବେ ଗଢ଼ି ତୋଳୁଛନ୍ତି। ବାରାଣସୀର ପବିତ୍ର ଗଙ୍ଗା ଘାଟଠାରୁ ଆରମ୍ଭ କରି ଆଣ୍ଟାର୍କଟିକାର ବରଫାବୃତ ଶୃଙ୍ଗ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଏହାର ସୁଟିଂ କରାଯାଉଛି। ବୈଷୟିକ ଦୃଷ୍ଟିରୁ ଦର୍ଶକଙ୍କୁ ଏକ ଅଭିନବ ଅନୁଭୂତି ପ୍ରଦାନ କରିବା ପାଇଁ ଏହି ସିନେମାକୁ ସର୍ବୋଚ୍ଚ ମାନର ବୈଷୟିକ କୌଶଳ ବ୍ୟବହାର କରି ପ୍ରସ୍ତୁତ କରାଯାଉଛି। ପୂର୍ବରୁ ଏହି ପ୍ରକଳ୍ପଟି 'ଏସ୍‌ଏସ୍‌ଏମ୍‌ବି୨୯' ନାମରେ ପରିଚିତ ଥିଲା, କିନ୍ତୁ ନଭେମ୍ବର ୧୫ରେ ହାଇଦ୍ରାବାଦଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହାର ନାମ 'ବାରାଣସୀ' ବୋଲି ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇଛି।

ବିଶିଷ୍ଟ କାହାଣୀକାର ବିଜୟେନ୍ଦ୍ର ପ୍ରସାଦଙ୍କ ଦ୍ୱାରା ଲିଖିତ ଏହି ଚଳଚ୍ଚିତ୍ରରେ ରାଜାମୌଲି ଏବଂ ମହେଶ ବାବୁ ପ୍ରଥମ ଥର ପାଇଁ ଏକାଠି କାମ କରୁଛନ୍ତି। ବର୍ତ୍ତମାନ ସୁଦ୍ଧା ଚଳଚ୍ଚିତ୍ରର ୧୦୦ ଦିନର ସୁଟିଂ ସରିଥିବା ବେଳେ ଏଥିରେ ପ୍ରିୟଙ୍କା ଚୋପ୍ରା ଏବଂ ପୃଥ୍ୱୀରାଜ ସୁକୁମାରନ୍‌ଙ୍କ ଭଳି ପ୍ରତିଭାଶାଳୀ କଳାକାର ପ୍ରମୁଖ ଭୂମିକାରେ ଅଭିନୟ କରୁଛନ୍ତି। ରାଜାମୌଲିଙ୍କର ଏହି ନୂତନ ପ୍ରୟାସ ଭାରତୀୟ ସିନେମାର ଇତିହାସରେ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିବ ବୋଲି ଆଶା କରାଯାଉଛି। ଶତାଧିକ କର୍ମଚାରୀ ଓ ଅତ୍ୟାଧୁନିକ କ୍ୟାମେରା ବ୍ୟବହାର କରି ନିର୍ମିତ ଏହି ଚଳଚ୍ଚିତ୍ରଟି କେବଳ ଭାରତରେ ନୁହେଁ, ବରଂ ବିଶ୍ୱ ସିନେମା ବଜାରରେ ଏକ ବଡ଼ ପରିବର୍ତ୍ତନ ଆଣିବ ବୋଲି ଚର୍ଚ୍ଚା ହେଉଛି।

Printed & Published by Shri Soubhagya Kumar Mohanty on behalf of Shri Tapan Bihari Bhanja published at Plot. No- 511, Nayapalli, Bhubaneswar -751012
Printed at Ray Publications, Plot No.17, Rajarani, Lewis Road, Bhubaneswar-751014, Mob-9439863842. E-mail: **jatiyachetana@gmail.com, jatiyachetana@yahoo.com,**
**Chief Advisor: Pradosh Pattnaik** ମୁଖ୍ୟ ଉପଦେଷ୍ଟା: ପ୍ରଦୋଷ ପଟ୍ଟନାୟକ **Editor: Tapan Bihari Bhanja** ସମ୍ପାଦକ: ତପନ ବିହାରୀ ଭଞ୍ଜ